**ବାଇକ୍ ଚୋରି ଅଭିଯୋଗ**

ଖଡ଼ିଆଳ,(ଡି.ଏନ.ଏ): ଖଡ଼ିଆଳ ମହୋତ୍ସବ ଦେଖିବା ପାଇଁ ଆସିଥିବା ବ୍ୟକ୍ତିଙ୍କ ତିନିଗୋଟି ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।ଆମ୍ବେଦକର ପଡ଼ିଆସ୍ଥିତ ବାଇକ୍ ଷ୍ଟାଣ୍ଡରୁ ବରଗାଁ ଗ୍ରାମର ବାସୁଦେବ ପଟେଲଙ୍କ ବାଇକ ଚୋରି ହୋଇଥିଲା। ପୁରୁଣା ମେଡ଼ିକାଲଠାରୁ ଖଡ଼ିଆଳ ସହରର ବ୍ଲକ କଲୋନୀର ଆନନ୍ଦ ବେହେରା ଓ ପୁରୁଣା ଷ୍ଟେଟ ବ୍ୟାଙ୍କ ଷ୍ଟାଣ୍ଡରୁ ଖଡ଼ିଆଳ ବ୍ଲକ ଲାଞ୍ଜି ପଞ୍ଚାୟତର ଉପରପିଟାର ରେଙ୍ଗା ଶବରଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ତିନୋଟି ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଓଡ଼ିଆ ବଣିକ ସଂଘର ନୂତନ କର୍ମକର୍ତ୍ତା

ଲାଠୋର,୨୧।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟ୍ ମା' ବନ୍ତେଶ୍ୱରୀ ଓଡ଼ିଆ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇ ଯାଇଛି। ଦୁର୍ଗେଶ୍ୱରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ନିକଟ ସଂଘର ନିଜସ୍ୱ କୋଠାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କିଶୋର ସେଠ ଅଧକ୍ଷତା କରିଥିଲେ। ପୂର୍ବତନ ସମ୍ପାଦକ ପ୍ରଶାନ୍ତ କୁମାର ବହିଦାର ବାର୍ଷିକ ବିବରଣ ପାଠ କରି ଆୟବ୍ୟୟ ଉପରେ ସୂଚନା ପ୍ରଦାନ କରିଥିଲେ। ପରେ ଗ୍ରାମରେ ବ୍ୟବସାୟୀଙ୍କ ମଧରେ ଲାଗି ରହିଥିବା ବିବାଦ ଉପରେ ଆଲୋଚନା କରାଯାଇ ତାହାର ସମାଧାନ କରାଯାଇଥିଲା। ବୈଠକରେ ସମସ୍ତଙ୍କ ସହମତିକ୍ରମେ ନୂତନ ସଭାପତିଭାବେ ସୁଶାନ୍ତ ମେହେରଙ୍କୁ ମନୋନୀତ କରାଯାଇଥିଲା। ଉପସଭାପତିଭାବେ ଦୟାସାଗର ମେହେର, ସମ୍ପାଦକ ପ୍ରଶାନ୍ତ କୁମାର ବହିଦାର, ଯୁଗ୍ମ ସମ୍ପାଦକ ଦୀପକ ମେହେର, କୋଷାଧକ୍ଷଭାବେ ଅନିରୁଦ୍ଧ ମେହେରଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ସଦସ୍ୟଭାବେ କିଶୋର ସେଠ, ରମାକାନ୍ତ ମହାନ୍ତି, ହରି ବାରିକ, ଦିବାକର ବେହେରା, ସୀତାରାମ ମେହେର, କରୁଣାକର ସୁନା, ଉପେନ୍ଦ୍ର ମେହେରଙ୍କୁ ମନୋନୀତ କରାଯାଇଛି। ନୂତନ କମିଟି ଆଗାମୀ ଏକ ବର୍ଷ ପାଇଁ କାର୍ଯ୍ୟ କରିବ ବୋଲି ନବ ନିର୍ବାଚିତ ସଭାପତି ସୂଚନା ଦେଇଛନ୍ତି।

### ଓଭରହେଡ ଟ୍ୟାଙ୍କରୁ ଖସି ଶ୍ରମିକ ଆହତ

ଲାଠୋର,୨୧।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅନ୍ତର୍ଗତ ମସିଣା ଗ୍ରାମରେ ନିର୍ମାଣାଧୀନ ଏକ ଓଭରହେଡ଼ ଟ୍ୟାଙ୍କରୁ ଖସି ପଡି ଜଣେ ଶ୍ରମିକ ଆହତ ହୋଇଛନ୍ତି। ଆହତ ଶ୍ରମିକ ହେଲେ ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ଗ୍ରାମର ଭରତ ତାଣ୍ଡି। ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମସିଣା ଗାଁରେ ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଓଭର ହେଡ଼ ଟେଙ୍କ ନିର୍ମାଣ କାମ ଚାଲିଛି। ଶୁକ୍ରବାର ସକାଳେ କାମ କରୁଥିବା ଭରତ ପ୍ରାୟ ୨୦ ଫଟ ଉଚ୍ଚତାରେ ଥିବାବେଳେ ଓଭରହେଡ ଟ୍ୟାଙ୍କରୁ ସେ ଅସାବଧାନବଶତଃ ତଳକୁ ଖସି ପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ମୁନସୀ ତାଙ୍କୁ ଲାଠୋର ଆଣି ଚିକିତ୍ସା କରାଇଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚ୍ଚ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ସେଫ୍ଟି ବେଲ୍ଟ ଏବଂ ହେଲମେଟ ପ୍ରଦାନ କରିବା କଥା। ହେଲେ କେବଳ ଭରତ ନୁହନ୍ତି, କୌଣସି ଶ୍ରମିକଙ୍କୁ ହେଲମେଟ ଅଥବା ସେଫ୍ଟି ବେଲ୍ଟ ଦିଆଯାଇ ନାହିଁ। ଏ ନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଚିନ୍ମୟ କୁମାର ପ୍ରଧାନଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

### ବ୍ଲକସ୍ତରୀୟ ବୈଷୟିକ କମିଟି ବୈଠକ

ଖପ୍ରାଖୋଲ,୨୧।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ କାର୍ଯ୍ୟାଳୟ ପରିସରରେ ଥିବା ତାଲିମ ଗୃହରେ କୃଷି ସମ୍ବନ୍ଧୀୟ ବ୍ଲକସ୍ତରୀୟ ବୈଷୟିକ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ ପର୍ଯ୍ୟବେକ୍ଷକଭାବେ ଯୋଗ ଦେଇଥିଲେ। ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର, ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, କୁକୁଡ଼ା ଚାଷ, ମାଛ ଚାଷ, ସ୍ୱୟଂ ସହାୟକ ଦଳକୁ ବିଭିନ୍ନ କୃଷିଭିତ୍ତିକ ୟୁନିଟ ସ୍ଥାପନ ପାଇଁ ସହାୟତା, ନିରନ୍ତର କୃଷି ପଦ୍ଧତି, ଜଳ ସେଚନ, ସମନ୍ୱିତ କୃଷି ଉପରେ ଆଲୋଚନା ହୋଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଚାଷୀଙ୍କ ପାଖରେ କିଭଳି ପହଞ୍ଚିବ ସେନେଇ ସବୁ ବିଭାଗ ମଧରେ ସମନ୍ୱୟ ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସ୍ୱପ୍ନେଶ୍ୱର୍ ନାଏକ, ଏଭିଓ ଡ଼ା ସୁଜିତ କୁମାର ଶତପଥୀ, ଭିଏସ ଡ଼ା କାରୁ ମାରାଣ୍ଡି, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ଆଇଏଫଏସ ବ୍ଲକ ସଂଯୋଜକ ସୁରେଶ କୁମାର ବେହେରା, ଏଟିଏମ ମାନସ ଖମାରୀ, ପରେଶ କୁମାର ମେହେର, ଉଠାଜଳ ସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ବଳଭଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ ପରିଚାଳନା କରିଥିଲେ।

# ପୁନଃ ସର୍ଭେ ଦାବି କଲା ସରପଞ୍ଚ ସଂଘ

■ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

■୨୪ରେ ବ୍ଲକ ଅଫିସ ସମ୍ମୁଖରେ ଧାରଣା, ଗ୍ରାମସଭା ବର୍ଜନ


ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଲୋଇସିଂହା,୨୧।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ବହୁ ଯୋଗ୍ୟବ୍ୟକ୍ତି ଆବାସ ଯୋଜନା ପାଇବା ପାଇଁ ତାଲିକାଭୁକ୍ତ ହୋଇନାହାନ୍ତି। ପୁନର୍ବାର ସର୍ଭେ କରି ଯୋଗ୍ୟବ୍ୟକ୍ତିଙ୍କୁ ସାମିଲ କରିବା ଦାବିରେ ଆସନ୍ତା ୨୪ତାରିଖରେ ସରପଞ୍ଚ ସଂଘ ବ୍ଲକରେ ଶାନ୍ତିପୂର୍ଣ୍ଣ ଧାରଣା ଦେବ। ଏଥିସହିତ ୨୬ତାରିଖରେ ହେବାକୁ ଥିବା ଗ୍ରାମ ସଭାକୁ ବର୍ଜନ କରିବେ ବୋଲି ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ସଂଘ ପକ୍ଷରୁ ଶନିବାର ଜଣାଇ ଦିଆଯାଇଛି। ସଂଘ ସଭାପତି ସଞ୍ଜୟ ଗଡତ୍ୟା, ଉପସଭାପତି ସୁଦୀପ କୁମାର ସା, ସମ୍ପାଦକ କୌସ୍ତୁବ ସାହୁ, ବିଜୁଳି ପଧାନ, ଲକ୍ଷ୍ମୀ ପଧାନଙ୍କୁ ନେଇ ଗଠିତ ଏକ ପ୍ରତିନିଧି ବିଡିଓ ସାହୁଙ୍କୁ ଭେଟିଥିଲେ। କେନ୍ଦ୍ର ସରକାର ୯ ଲକ୍ଷରୁ ଉର୍ଦ୍ଧ୍ୱ ଆବାସ ଘର ଓଡିଶାକୁ ଯୋଗାଇଛନ୍ତି। ଏହିକ୍ରମରେ ଲୋଇସିଂହା ବ୍ଲକକୁ ୬୪୪ ଘର ମଞ୍ଜୁର ହୋଇଛି। ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ୬ ପଞ୍ଚାୟତକୁ ସର୍ବନିମ୍ନ ଘର ଯୋଗାଇ ଦିଆଯାଇଛି। ପଞ୍ଚାୟତସ୍ତରରେ ବହୁ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି। ଏହା ସହିତ ବହୁ ଗାଁ ମଧ୍ୟ ଏଥିରୁ ବାଦ୍ ପଡିଛି। ଆବାସ କୋଟା ବଣ୍ଟନରେ ଅନିୟମିତତା ହୋଇଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ସରପଞ୍ଚମାନଙ୍କୁ ଗାଁ ଗାଁରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡୁଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ପୁନଃ ସର୍ଭେ କରି ଯୋଗ୍ୟ ହିତାଧିକାରୀ ଚୟନ କରିବାକୁ ସଂଘ ଦାବି କରିଛି। ଏହାକୁ ନେଇ ଆସନ୍ତା ୨୪ତାରିଖରେ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଏବଂ ୨୬ତାରିଖରେ ହେବାକୁ ଥିବା ଗ୍ରାମସଭାକୁ ବର୍ଜନ କରିବାକୁ ସରପଞ୍ଚ ସଂଘ ନିଷ୍ପତ୍ତି ନେଇଥିବା ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଇ ଦିଆଯାଇଛି।

# ଖଡ଼ିଆଳ ଏନ୍‌ଏସିର ସୁବର୍ଣ୍ଣ ଜୟନ୍ତୀ


ଏନ୍‌ଏସିର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୨୧।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ପଚାଶ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ବିଜ୍ଞାପିତ ଅଞ୍ଚଳ ପରିଷଦ ପଚାଶ ବର୍ଷରେ ପାଦ ଦେଇଛି ତାର ଉନ୍ନୟନମୂଳକ କାର୍ଯ୍ୟକୁ ଠିକ ଭାବରେ ସମ୍ପୂର୍ଣ୍ଣ କରିବା ସହିତ କିପରି ଏନ୍‌ଏସିର ଉନ୍ନତି ହେବ ସେନେଇ ମତ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବେ ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଗୋଲଡି ଅଗ୍ରୱାଲ, ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ ଖାନ, ଡବ୍ଲ୍ୟୁଓସି ସଭ୍ୟା ମନ୍ଦାକିନୀ ବଘେଲ, ଖଡ଼ିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏନ୍‌ଏସି ହୋମିଓପ୍ୟାଥିକ ଡାକ୍ତର ସିଦ୍ଧାର୍ଥ ମହାପାତ୍ର ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପାଞ୍ଚ ନମ୍ବର କାଉନସିଲର ସୁନୀଲ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଆଠ ନମ୍ବର କାଉନସିଲର ସିବେର ନାଥ ସିଂ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ପାରିଷଦର ସମସ୍ତ କର୍ମଚାରୀମାନଙ୍କୁ ସ୍ମୃତିସ୍ମାରକୀ ପ୍ରଦାନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ କଳାକାରମାନଙ୍କ ଦ୍ୱାରା ନୃତ୍ୟଗୀତର ପରିବେଷଣ କରାଯାଇଥିଲା। ବିଦ୍ୟାଳୟସ୍ତରୀୟ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଏହାକୁ ଗୋଷ୍ଠୀ ସଙ୍ଗଠିକା ସୁରଭି ପାଣିଗ୍ରାହୀ ସଞ୍ଚାଳନ କରିଥିଲେ। ପରିଷଦର ସମସ୍ତ କାଉନସିଲର ତଥା ଏମ୍‌ପି ପ୍ରତିନିଧି ଗୋଲଡି ଅଗ୍ରୱାଲ, ବିଧାୟକ ପ୍ରତିନିଧି ଅକ୍ଷୟ କୁମାର ନନ୍ଦଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପରେ ଅମିତ ଯୋଶୀ ଅର୍କେଷ୍ଟ୍ରା ଲୋକମାନେ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରି ସହରକୁ ବିକଶିତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ତହସିଲ କ୍ୟାମ୍ପ କୋର୍ଟ ବେଳେ ତହସିଲଦାରଙ୍କୁ ଘେରିଲେ


କ୍ୟାମ୍ପ କୋର୍ଟରେ ଜମି ବିବାଦ ସମ୍ପର୍କରେ ଗ୍ରାମବାସୀ ଫେରାଦ ହେଉଛନ୍ତି।

ଲୋଇସିଂହା,୨୧।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ କନ୍ଦାଜୁରୀ ଗ୍ରାମରେ ଶନିବାର ତହସିଲ କ୍ୟାମ୍ପ କୋର୍ଟ ଥିଲା। ହେଲେ ଗ୍ରାମ ଜଗନ୍ନାଥ ମନ୍ଦିର ଦେବୋତ୍ତର ଜମିକୁ ଜଣେ ପୂଜାରୀ ପରିବାର ହାତେଇ ନେଇଥିବା ଅଭିଯୋଗ ହୋଇଥିଲା। କେଉଁ ପରିସ୍ଥିତିରେ ଦେବୋତ୍ତର ଜମି ସମ୍ପୃକ୍ତ ପରିବାର ମାଲିକାନାକୁ ଗଲା କହି ତହସିଲଦାର ସଂଘମିତ୍ରା କାଲୋ, ରାଜସ୍ୱ ନିରୀକ୍ଷକ ନିତ୍ୟାଶ୍ରୀ ଧରୁଆଙ୍କୁ ଗ୍ରାମାବସୀ ଘେରିଥିଲେ। ଫଳରେ ତହସଲି କୋର୍ଟ କ୍ୟାମ୍ପ ହୋଇପାରି ନ ଥିଲା। ଲୋଇସିଂହା ତହସିଲର କନ୍ଦାଜୁରୀ ମୌଜାର ୯୭ ନଂ ଖାତାର ୨୪୬ ପ୍ଲଟନଂ ୩୨.୪୪ ଡେସିମିଲ ଜମି ଗ୍ରାମର ଚୌହାନ ଜାତିର ସିଂଦେଓ ପରିବାର ମହାପ୍ରଭୁ ଦଧିବାମନଙ୍କୁ ଦାନ କରିଛନ୍ତି। ଜମି ମାଲିକାନ ସିଂଦେଓ ପରିବାର ଓ ମୁଖ୍ୟ ପୂଜକ କଳିକର ପାଢୀଙ୍କ ନାମରେ ରହିଥିଲା। ପ୍ରାୟ ୨୩ ବର୍ଷ ହେବ ମନ୍ଦିର ପୂଜକ ପରିବାରର କଳିକର ପାଢୀଙ୍କ ଝିଅ ଯୋଗେଶ୍ୱରୀ ପଣ୍ଡାଙ୍କ ନାମରେ ହୋଇଯାଇଛି। ମୂଳଖାତାରୁ ରାଜ ପରିବାରକୁ ଉଚ୍ଛେଦ କରି ନୂତନ ଖାତା ନଂ ୩୬୪/୧୭୬ ରେ ଯୋଗେଶ୍ୱରୀଙ୍କ ନାମରେ ସମସ୍ତ ଜମି ହୋଇ ଯାଇଥିବା ସିଂଦେଓ ପରିବାରର ମୁକୁନ୍ଦ ସିଂଦେଓ ଓ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏହା ପରେ ଗ୍ରାମରେ ଗତ କିଛିଦିନ ହେଲା ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ଗ୍ରାମ ପ୍ରହରୀ ମଣ୍ଡପରେ ରାଜସ୍ୱ ବିଭାଗ ପକ୍ଷରୁ କୋର୍ଟ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଜଗନାଥ ମନ୍ଦିର ଦେବୋତ୍ତର ଜମି ପୂଜକ ପରିବାକୁ ଚାଲିଯିବାକୁ ନେଇ ସିଂଦେଓ ପରିବାର ଓ ଗ୍ରାମବାସୀ କୋର୍ଟକ୍ୟାମ୍ପକୁ ବିରୋଧ କରିଥିଲେ। ଏହାର ତଦନ୍ତ କରି ସପ୍ତାହକ ମଧରେ ନ୍ୟାୟ ପ୍ରଦାନ କରାଯିବ ବୋଲି ତହସିଲଦାର କାଲୋ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### କନକଙ୍କ ଗିରଫ ଦାବି କଲା ଆଦିବାସୀ କଲ୍ୟାଣ ସଂଘ

**କନକ ବର୍ଦ୍ଧନ-ବେଲପଡା ବିଡିଓ ମୁହାଁମୁହିଁ ଘଟଣା**

ବଲାଙ୍ଗୀର ଅଫିସ/ବେଲପଡା, ୨୧।୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲଶ ବେଲପଡା ବ୍ଲକର ଦୁଇ ଜିଲା ପରିଷଦ ସଦସ୍ୟା ଅନିମା ଦାଶ ଓ ଶବ୍ଦ ମିର୍ଦ୍ଧା ବିଡିଓ ଭେକ୍ଟର ସୋରେନ୍‌ଙ୍କ ମନମୁଖୀ କାର୍ଯ୍ୟ ଏବଂ ବିଭିନ୍ନ ପ୍ରକଳ୍ପ କାଟଛାଣ୍ଟ କରିବା ପ୍ରତିବାଦରେ ବ୍ଲକ୍ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ଦୁଇଦିନ ଧାରଣାରେ ବସିବା ପରେ ମଧ ବିଡିଓ ଧାରଣାସ୍ଥଳକୁ ଆସି ନ ଥିଲେ। ଏଭଳି ଘଟଣା ପରେ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଧାରଣାସ୍ଥଳକୁ ଆସି ବିଡିଓ ସୋରେନ୍‌ଙ୍କ ଉପରେ ବର୍ଷିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ନେଇ ଜିଲା ଆଦିବାସୀ କଲ୍ୟାଣ ସଂଘ ଉପଦେଷ୍ଟା ପୁରନ୍ଦର ଛତ୍ରିଆ ଶନିବାର କନକ ବର୍ଦ୍ଧନଙ୍କ ବିରୋଧରେ ବେଲପଡା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। କନକ ବର୍ଦ୍ଧନ ସର୍ବସମ୍ମୁଖରେ ବିଡିଓ ସୋରେନ୍‌ଙ୍କୁ ଆପତ୍ତିଜନକ କଥା କହିବା ଦ୍ୱାରା ଆଦିବାସୀ ସମାଜର ମାନମର୍ଯ୍ୟାଦା ହାନୀ ହୋଇଛି ବୋଲି ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ବିରୋଧରେ ଏସସିଏସଟି ଆଟ୍ରୋସିଟି ଆକ୍ଟରେ ମାମଲା ରୁଜୁ କରି ଗିରଫ କରାଯିବାକୁ ସେ ଅନୁରୋଧ କରିଛନ୍ତି। ଏନେଇ ବେଲପଡା ଥାନା ଆଇଆଇସି ବୁଲୁ ମୁଣ୍ଡାଙ୍କୁ ପଚରାଯିବାରୁ ପୂର୍ବତନ ବିଧାୟକ ସିଂଦେଓଙ୍କ ବିରୋଧରେ ଆଦିବାସୀ କଲ୍ୟାଣ ସଂଘ ଉପଦେଷ୍ଟା ଛତ୍ରିଆ ଅଭିଯୋଗ କରିଛନ୍ତି। ଅଭିଯୋଗ ରଖାଯାଇଛି। ତେବେ ଅଭିଯୋଗକାରୀ ନିଜେ ପୀଡିତ ହୋଇ ନ ଥିବାରୁ ମାମଲା ରୁଜୁ କରାଯିବ ନାହିଁ। ପୀଡିତଙ୍କୁ ଏ ସମ୍ପର୍କରେ ପଚରାଯିବା ପରେ ନିୟମତଃ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଦଳିତ ଅଧିକାର ମଞ୍ଚର ବୈଠକ

ଖଡ଼ିଆଳ,୨୧।୧ (ଡି.ଏନ.ଏ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦୁଆଝର ଗ୍ରାମରେ ଜିଲା ଦଳିତ ଅଧିକାର ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳିତ ଅଧିକାର ମଞ୍ଚର ରାଜ୍ୟ ସଭାପତି କମଳଚରଣ ତାଣ୍ଡି ଯୋଗଦାନ କରିଥିଲେ। ଏଥିରେ ବିଶେଷ କରି ଦୁଆଝର ଗ୍ରାମର ୪୦ରୁ ଅଧିକ ଗରିବ ପରିବାରଙ୍କର ନିଜସ୍ୱ ଘରଡ଼ିହ ନ ଥିବା ଯୋଗୁ ସେମାନେ ସରକାରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ଆଲୋଚନା ହୋଇଥିଲା। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ଏକ ଦଳ ଖଡ଼ିଆଳ ତହସିଲଦାରଙ୍କୁ ସାକ୍ଷାତକରି ଜମିଡ଼ିହ ପ୍ରଦାନର ବ୍ୟବସ୍ଥା କରିବାକୁ ତାଙ୍କ ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରି ଏହାର ସମାଧାନ କରିବାକୁ ମଞ୍ଚର କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ଏହି ସମୟରେ ମଞ୍ଚର ଅନ୍ୟ କର୍ମକର୍ତ୍ତା ମଧ ଉପସ୍ଥିତ ଥିଲେ।

# ପଞ୍ଚସଖା ଉଚ୍ଚ ବିଦ୍ୟାପୀଠର ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ମଦନପୁର,୨୧।୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ଅଲାତରା ପଞ୍ଚସଖା ଉଚ୍ଚ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସକୁନ୍ତଳା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷ ମନ୍ଦାକିନୀ ସିଂଦେଓ, ସ୍ଥାନୀୟ ସରପଞ୍ଚ ସସ୍ମିତା ନାଗ, ମୁଖ୍ୟବକ୍ତା ଭାବରେ ଗୋଛାଡେଙ୍ଗେନ ସରପଞ୍ଚ ଡ. ସୁରେଶ କୁମାର ପଧାନ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ବିଦ୍ୟାଳୟର ଉନ୍ନତୀକରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଉକ୍ତ ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟ ମାଟ୍ରିକ ଟପର୍ ଛାତ୍ର ୨୦୨୦ ମସିହାର ଗୋପୀନାଥ ବିଶି, ୨୦୨୧ର ଜୟନ୍ତ ପଧାନ ଓ ୨୦୨୨ରେ ବିକ୍ରମ କେଶରୀ ସିଂହଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପ୍ରତିଯୋଗିତାରେ ଛାତ୍ରୀ ଚାମ୍ପିୟନ ସମୀକ୍ଷା ନାୟକ ଓ ଛାତ୍ର ଚାମ୍ପିୟନ ଚନ୍ଦନ ରଣାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ କୁଳେନ୍ଦ୍ର ବୈଠାରୁ, ପ୍ରମୋଦ ସାହୁ, ଦେବେନ୍ଦ୍ର ସବର ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଉତ୍ସବ ହୋଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ

ଲୋଇସିଂହା,୨୧।୧(ଡି.ଏନ.ଏ)



ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା କଲେଜର ବାର୍ଷିକ କ୍ରୀଡା ଉତ୍ସବର ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କଲେଜର ଅଧ୍ୟକ୍ଷ ରଘୁନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା କ୍ରୀଡା ଅଧିକାରୀ ପରାସର ବାଗ ମୁଖ୍ୟ ଅତିଥି, ଚନ୍ଦନଭାଟି କଲେଜ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସରପଞ୍ଚ ବିଜୁଳି ପଧାନ, ପ୍ରଶାନ୍ତ ତ୍ରିପାଠୀ, ହିମାଂଶୁ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ଛାତ୍ରୀଛାତ୍ରମାନେ ଖେଳକୁଦର ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ଅତିଥି। ନିକଟରେ ଅନୁଷ୍ଠିତ ବାର୍ଷିକ କ୍ରୀଡାରେ ୧୦ ଟି ବିଭାଗରେ କଲେଜର ୧୭୨ ଛାତ୍ରୀଛତ୍ର ଭାଗ ନେଇଥିଲେ। ତନ୍ମଧ୍ୟରୁ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ୭୨ଜଣ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ସିଲଡ ଦେଇ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ଓମ୍‌ପ୍ରିତି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପିସିଏଲ କ୍ରିକେଟ: ବଡ଼ଟିକା, ନଅଗାଁ(ଖ) ବିଜୟୀ

ଲୋଇସିଂହା ୨୧।୧(ଡି.ଏନ.ଏ)

ବଲାଙ୍ଗୀର ଗିଲା ଆଗଲପୁର ବ୍ଲକ ଅନ୍ତର୍ଗତ ବୁରୋଭାଡ଼ି ଖେଳ ପଡିଆରେ ବିପିସିଏଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲଶ ଦ୍ୱିତୀୟ ଦିନ। ଏହିଦିନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ବଡ଼ଟିକା ଓ ନଅଗାଁ (ଖ) ସେମି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ରବିବାର ଉଭୟ ଦଳ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ଖେଳାଯିବ। ପ୍ରଥମ ସେମି ଫାଇନାଲରେ ବୁର୍ଡ଼ାକୁ ଅର୍ଡ଼ା ଭେଟିବ। ଶନିବାର ବିଜେଡ଼ି ଯୁବ ନେତା ନିହାର ରଞ୍ଜନ ବେହେରା, ପୂର୍ବତନ, ବ୍ଲକ ଅଧକ୍ଷ ମନମୋହନ ପଟେଲ, ସରପଞ୍ଚ ଉଦୟନାଥ ନାଏକ ଓ ଭୁବନେଶ୍ୱର ଧାରୁଆ ଅତିଥିଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।


ଉଭୟ ଦଳର ଖେଳାଳିଙ୍କ ସହ ଅତିଥି।

# ବେଦାନ୍ତ ଗ୍ରୁପ୍ ଭାଇସ୍ ଚେୟାରମ୍ୟାନଙ୍କ ଲାଞ୍ଜିଗଡ଼ ଗସ୍ତ

ଲାଞ୍ଜିଗଡ଼,୨୧।୧(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଏକମାତ୍ର ଶିଳ୍ପ ପ୍ରକଳ୍ପ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ ହୋଇଥିବା ବେଳେ ଦୀର୍ଘ ୨୦ ବର୍ଷ ଧରି କମ୍ପାନୀ ନିଜର ଉତ୍ପାଦନ ଜାରି ରଖିଛି। ୨୦ ବର୍ଷର ଯାତ୍ରାରେ କମ୍ପାନୀର ଉତ୍ଥାନ ଘଟିଥିବା ବେଳେ ଏହାର ଏକ ସାମଗ୍ରିକ ସମୀକ୍ଷା ପାଇଁ ବେଦାନ୍ତ ଗ୍ରୁପର ଭାଇସ୍ ଚେୟାରମ୍ୟାନ ନବୀନ ଅଗ୍ରୱାଲ ଦୁଇଦିନିଆ ଲାଞ୍ଜିଗଡ଼ ଗସ୍ତରେ ଆସିବା ସହିତ କମ୍ପାନୀ କର୍ମକର୍ତ୍ତା, ସ୍ଥାନୀୟ ବ୍ୟକ୍ତିବିଶେଷ ଓ ବିଭିନ୍ନ ବର୍ଗର ଲୋକଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଶୁକ୍ରବାର ଦିନ ସେ ମୁମ୍ବାଇରୁ ଲାଞ୍ଜିଗଡ଼ ଆସିବା ବେଳେ ଛତ୍ରପୁର ଏୟାର ଷ୍ଟ୍ରିପ୍‌ରେ ଓହ୍ଲାଇଥିଲେ। ସେଠାରେ କମ୍ପାନୀ ତରଫରୁ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ସିଏସଆର୍ ଓ ଜନ ସଂପର୍କ ବିଭାଗ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡାଙ୍କ ସମେତ ଅନ୍ୟ ଉଚ୍ଚସ୍ତରୀୟ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ଜଣାଇବା ସହିତ ଲାଞ୍ଜିଗଡ଼କୁ ପାଛୋଟି ନେଇଥିଲେ। ଲାଞ୍ଜିଗଡ଼ସ୍ଥିତ ପ୍ରକଳ୍ପ ଏବଂ ଷ୍ଟାଫ କଲୋନୀରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ଶନିବାର ସକାଳେ ସେ ଲାଞ୍ଜିଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ପରେ ବିଭିନ୍ନ ଲୋକଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କ ସହିତ ଆଞ୍ଚଳିକ ବିକାଶ ପରିଷଦର ସଭାପତି ଶ୍ରୀଧର ପେସନିଆ, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, କାମରାଜ ଦଳବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ପ୍ରତାପ ସିଂହଦେଓ, ଶ୍ରୀମୁଖ ଅଗସ୍ତି, ଭଗବାନ ହୋତା, ଲାଞ୍ଜିଗଡ଼ ଯୁବକ ସଂଘର ସଭାପତି ହିମାଦ୍ରୀ ପେସନିଆ, ଏମ. ଚନ୍ଦ୍ରଶେଖର, ଟୁକୁନା ମହାରଣା ପ୍ରମୁଖ ଆଲୋଚନା କରିଥିଲେ। ସେହିପରି ଜଗନ୍ନାଥପୁର ସରପଞ୍ଚ ମୁଗାନା ମାଝୀ, ସମିତିସଭ୍ୟ ପ୍ରଦୀପ ମାଝୀ, ବସନ୍ତପଡ଼ା ସରପଞ୍ଚ ଚାଙ୍ଗେର ମାଝୀ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ତ୍ରିନାଥ ମହାକୁଡ଼, ତରଣୀସେନ ନାଏକ, ପରମାନନ୍ଦ ନାଏକ, ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ରଙ୍କ ଉପସ୍ଥିତିରେ ଲାଞ୍ଜିଗଡ଼ ଅଞ୍ଚଳର ବିକାଶ ପାଇଁ ଅନୁରୋଧ କରାଯାଇଥିଲା।


ଅନ୍ୟମାନଙ୍କ ଗହଣରେ ବେଦାନ୍ତ ଗ୍ରୁପର ଭାଇସ୍ ଚେୟାରମ୍ୟାନ ନବୀନ ଅଗ୍ରୱାଲ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବିନିକା,(ଡି.ଏନ.ଏ.): ବିନିକା ସିଦ୍ଧାର୍ଥ ଜୁନିୟର କଲେଜରେ ଶନିବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। କଲେଜ ଅଧକ୍ଷା ରେଖା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ ବ୍ୟାସଦେବ ବେହେରା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡିଗ୍ରୀ କଲେଜ ଅଧକ୍ଷ ଧୀରେନ୍ଦ୍ର କୁମାର ନାୟକ, ତିଳକ କୁମାର ମିଶ୍ର, ମଧୁସ୍ମିତା ମେହେର, ମନୀଷା ଷଡ଼ଙ୍ଗୀ, ଅଧ୍ୟାପକ ଝସକେତନ ମିଶ୍ର, ଗରିବ ସାଲମା ଯୋଗ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ପାଣ୍ଡିଆ ସଭା ପରିଚାଳନା ଓ ଅଧ୍ୟାପକ ନାରାୟଣ ପ୍ରସାଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ଇନଟ୍ରା କ୍ଲବ ସିନିୟର କ୍ରିକେଟ: ବିସିପି ବିଜୟୀ

ବାଉଁଶୁଣୀ,୨୧।୧(ଡି.ଏନ.ଏ.): ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲା କ୍ରିକେଟ ଆସୋସିଏଶନ ବୌଦ୍ଧ ଆନୁକୂଲ୍ୟରେ ବାଉଁଶୁଣୀ ହାଇସ୍କୁଲ ପଡିଆରେ ଚାଲୁଥିବା ଇନଟ୍ରା କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦଶମ ଦିନ ମ୍ୟାଚ ଜେବିସି ଓ ବିସିପି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିସିପି ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୮ ଓଭରରେ ସମସ୍ତ ଉଇକେଟ ହରାଇ ୧୭୮ ରନ କରିଥିଲା। ଦଳ ତରଫରୁ ତୀର୍ଥାନନ୍ଦ ୫୪ ବଲରେ ୫୧ ରନ ଓ ଋଷି ମେହେର ୧୧ବଲରେ ୨୩ ରନ କରିଥିଲେ। ଜେବିସି ତରଫରୁ ଅନୁଭବ ଘିବେଲା, ରତିକାନ୍ତ ପ୍ରଧାନ ଓ ଚନ୍ଦ୍ର ପଟ୍ଟନାୟକ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଙ୍ଗସ୍‌ରେ ଜେବିସି ୩୦ ଓଭରରେ ୧୭୫ ରନ କରିଥିଲା। ଫଳରେ ବିସିପି ୩ ରନରେ ବିଜୟୀ ହୋଇଥିଲା। ଜେବିସି ଦଳ ତରଫରୁ ସଞ୍ଜୟ ସାହୁ ୪୧ ବଲରୁ ୪୨ ରନ, ରତିକାନ୍ତ ପ୍ରଧାନ ୨୫ ବଲରୁ ୪୪ ରନ ଓ ଶୁଭ୍ରଜିତ ଦାନୀ ୫୨ ବଲରୁ ୪୦ ରନ କରିଥିଲେ। ବିସିପି ଦଳର ଆଶିଷ ପଟ୍ଟନାୟକ ୩ଟି ଓ ମୁକେଶ ପଟ୍ଟନାୟକ ୨ଟି ଉଇକେଟ ନେଇଥିଲେ। ଆଜିର ମ୍ୟାଚରେ ଅମ୍ପାୟର ଭାବେ ବିଶ୍ୱଜିତ ପ୍ରଧାନ ଓ ଆଶୁତୋଷ ଦାଶ ଖେଳ ପରିଚାଳନା କରିଥିବା ବେଳେ ଓସିଏ ସ୍କୋରର ଭାବେ ଦୀନେଶ ଘିବେଲା କାର୍ଯ୍ୟ ତୁଲାଇଥିଲେ। ରବିବାର ପ୍ରଗତିକ୍ଲବ କନ୍ଧମାଳ ଓ ଏଲଏମଏସସି ବାଉଁଶୁଣୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ନାଗରିକ ଅଧିକାର ନେଇ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୨୧।୧(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକସ୍ଥିତ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ତାଲକୁ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ଶନିବାର ଦିନ ନାଗରିକର ଅଧିକାର ଓ କର୍ତ୍ତବ୍ୟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା ହରଭଙ୍ଗା ତାଲକୁ ଆଇନ ସେବା କମିଟି ଅଧକ୍ଷ ଶୁଭଙ୍କର ମହାନ୍ତିଙ୍କ ଅଧକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିଥି ଭାବେ ହରଭଙ୍ଗା ଓକିଲ ସଂଘର ସଭାପତି ଅକ୍ଷୟ କୁମାର ସାହୁ, ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଧରିତ୍ରୀ କାନୁନଗୋ, ସରକାରୀ ଓକିଲ ଦିଲିପ ଧଳ, ଫୁଲବାଣୀ ଏସବିଆଇ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଶାଖା ପରିଚାଳକ ସଞ୍ଜୟ କୁମାର ସାହୁ ଓ ଚାରିଛକ ଏସବିଆଇର ମୁଖ୍ୟ ପରିଚାଳକ ରଶ୍ମିରଞ୍ଜନ ସେଠୀ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ, ଭାରତ ଏକ ଗଣତାନ୍ତ୍ରିକ ଦେଶ। ଏଠାରେ ସମସ୍ତ ନାଗରିକଙ୍କ ସମାନ ଅଧିକାର ରହିଥିବା ନେଇ ଆଲୋକପାତ କରିଥିଲେ। ଏହାସହ ସମସ୍ତ ନାଗରିକ ଯେପରି ମୁକ୍ତ ଭାବେ ଦେଶରେ ବଞ୍ଚି ପାରିବେ ଓ ନାଗରିକଙ୍କର ମଧ କର୍ତ୍ତବ୍ୟ ରହିଛି ଦେଶ ଓ ସମାଜ ପାଇଁ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ନାଗରିକ ମୌଳିକ ଅଧିକାର ଉପରେ ଜାଣିବା ଦରକାର ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୀବ କୁମାର ବାଗ, ତୁମ୍ବନାଥ ପାତ୍ର ଧନ୍ୟବାଦ ଦେଇଥିଲେ।


ପଞ୍ଚମ ରାଜ୍ୟସ୍ତରୀୟ ପରଗଲପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନରେ ଉପସ୍ଥିତ ଅତିଥି ଓ ଖେଳାଳି।

# କରମଚାନ୍ଦ ଫୁଟ୍‌ବଲ କ୍ଲବ ସୁନ୍ଦରଗଡ଼ ବିଜୟୀ

**ପଞ୍ଚମ ରାଜ୍ୟସ୍ତରୀୟ ପରଗଲପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ**

ବୌଦ୍ଧ,୨୧।୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପରଗଲପୁର ତସରା ଖେଳପଡିଆରେ ବୁଦ୍ଧଦେବ କ୍ଲବ ଆନୁକୂଲ୍ୟରେ ପଞ୍ଚମ ରାଜ୍ୟସ୍ତରୀୟ ପରଗଲପୁର କପ ଫୁଟବଲ ପ୍ରତିଯୋଗିତାର ଶନିବାର ଥିଲା ଚତୁର୍ଥ ଦିନ। ଚତୁର୍ଥ ଦିନର ଖେଳ ଖୋର୍ଦ୍ଧା ଏମବିବି ଓ କରମଚାନ୍ଦ ଫୁଟବଲ କ୍ଲବ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଚିତ୍ତାକର୍ଷକ ହୋଇଥିବା ବେଳେ ସୁନ୍ଦରଗଡ ଦଳ ୪ ଗୋଟି ଗୋଲ ଦେଇଥିବା ବେଳେ ଖୋର୍ଦ୍ଧା ଦଳ ୩ ଗୋଟି ଗୋଲ ଦେଇଥିଲା। ଏଥିରେ ସୁନ୍ଦରଗଡ ଦଳ ୪–୩ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳରେ ମୁଖ୍ୟଅତିଥି ଭାବେ ତିଲେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପ୍ରଧାନ, ସୁବ୍ରତ ପ୍ରଧାନ, ମଧୁସୂଦନପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାନନ୍ଦ ମେହେର, ପରଗଲପୁର ଗ୍ରାମ୍ୟ କମିଟି ସଭାପତି ବସୁଦେବ ପ୍ରଧାନ, ନରେଶ ସେଠୀ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଏପି ସାହୁ, ସୁଜିତ ରାଜହଂସ, ପ୍ରତାପ ପ୍ରଧାନ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ରଜତ ଖାରି କାର୍ଯ୍ୟ ତୁଲାଇଥିଲେ। ଏହି ଖେଳ ବୁଦ୍ଧଦେବ କ୍ଲବର ସ୍ୱାଧୀନ ଦୀପ, ନଗେନ ଦୀପ, ଜୟନ୍ତ ଖମାରୀ, ଟୁକୁନ ସେଠୀ ଓ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ହେଉଛି। ରବିବାର ଦିନ ଟୁର୍ନାମେଣ୍ଟର ବି ଗ୍ରୁପ ଦ୍ୱିତୀୟ ଖେଳ ବୁଦ୍ଧଦେବ କ୍ଲବ ପରଗଲପୁର ଓ ୱାଇଏଫଏ ଫୁଟବଲ କ୍ଲବ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ହେବ।

# ବିଦ୍ୟୁତ୍ ବ୍ୟବହାର ନ କରି ଆସୁଛି ବିଲ୍

**ଟାଟା ପାୱାର କମ୍ପାନୀ ବିରୋଧରେ ଜନ ଅସନ୍ତୋଷ**

ସୋନପୁର,୨୧।୧(ନି.ପ୍ର.)

ବିଦ୍ୟୁତ୍ ବ୍ୟବହାର କରି ନଥିବା ଚାଷୀଙ୍କ ନାମରେ ଆସୁଛି ମୋଟା ଅଙ୍କର ବିଦ୍ୟୁତ୍ ବିଲ୍। ସେହିପରି ଦେୟ ବାକି ଥିବା କାରଣରୁ ବିଭାଗ ବିଭିନ୍ନ ଗ୍ରାମର ବିଦ୍ୟୁତ୍ ସଂଯୋଗ ଛିନ୍ନ କରୁଛି। ଫଳରେ ଟାଟା ପାୱାର କମ୍ପାନୀ ବିରୋଧରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଗ୍ରାହକଙ୍କ ଦେୟ ବାକି ଥିବା କାରଣରୁ ସୋନପୁର ବ୍ଲକ ବଲାଡି ପଞ୍ଚାୟତ ହରିଜନପଡାରେ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିଛି ବିଭାଗ। ଗ୍ରାମବାସୀ ରାତିରେ ଅନ୍ଧକାରରେ ହଇରାଣ ହେଉଛନ୍ତି। ଛାତ୍ରୀଛାତ୍ରମାନେ ରାତିରେ ପାଠ ପଢି ପାରୁ ନଥିବା ଗ୍ରାମର ସତ୍ୟ ନନ୍ଦ କହିଛନ୍ତି। ଖାରୀ ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ବଲାଡି, କୁଟାସିରା, ନାରାୟଣପୁର ଭଳି ଗ୍ରାମରେ ଏରିୟର ନାମରେ ଗ୍ରାହକଙ୍କ ନିକଟରୁ ଅଧା ଟଙ୍କା ଜୋର ଜବରଦସ୍ତ ମଗାଯାଉଛି। ବକେୟା ଦେଇ ନ ପାରିଲେ ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଯାଉଛି। ଅନ୍ୟପକ୍ଷେ ବିଦ୍ୟୁତ୍ ବ୍ୟବହାର କରି ନଥିବା କିଛି ଚାଷୀଙ୍କ ନାମରେ ୪୫ ରୁ ୬୦ ହଜାର ଟଙ୍କାର ଏରିୟର ବିଲ ଆସିଛି। ବିଭାଗ ପକ୍ଷରୁ ମିଟର ଲଗା ଯାଇ ନଥିବା ବେଳେ ମନଇଚ୍ଛା ବିଲ ଆସୁଛି। ବଲାଡି ଗ୍ରାମର ଚାଷୀ କ୍ଷୀରୋଦ୍ର ସେଠ୍, ଇଶ୍ୱର ସାହୁ, ବଞ୍ଚା ବରିହା ଓ ବେଦ ଖଣ୍ଡଗିରି ପ୍ରମୁଖ ଉଠା ଜଳସେଚନ ବିଭାଗ ଦ୍ୱାରା ଦୁଇ ବର୍ଷ ପୂର୍ବରୁ ନିଜ ଜମିରେ ଗଭୀର ନଳକୂପ ଖୋଳିଥିଲେ। ତେବେ ନଳକୂପ ଖୋଳା ସଫଳ ହୋଇ ନ ଥିଲା। ନଳକୂପ କାର୍ଯ୍ୟକ୍ଷମ ନଥିଲା। ଏ ସମ୍ପର୍କରେ ଚାଷୀମାନେ ସେତେବେଳେ ଦାୟିତ୍ୱରେ ଥିବା ୱେସ୍କୋର ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଟାଟା ପାୱାର ପକ୍ଷରୁ ବିଦ୍ୟୁତ୍ ବ୍ୟବହାର ହୋଇଥିବା ଦର୍ଶାଇ ସମ୍ପୃକ୍ତ ଚାଷୀ ମାନଙ୍କ ନିକଟକୁ ବିଲ୍ ଆସିଛି। ଇଶ୍ୱର ସାହୁଙ୍କ ନାମରେ ୮୯ ହଜାର ୨୫୦ ଟଙ୍କା ଓ କ୍ଷୀରୋଦ୍ର ସେଠ୍‌ଙ୍କ ନାମରେ ୮୬ ହଜାର ଟଙ୍କାର ବିଲ୍ ଆସିଛି। ଦେୟ ପ୍ରଦାନ ନ କଲେ ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଯିବ ବୋଲି ବିଭାଗ ପକ୍ଷରୁ ଚାଷୀଙ୍କୁ ନୋଟିସ ପଠାଯାଇଛି। ଚାଷୀ ପରିବାର ଏବେ ଚିନ୍ତାରେ ଅଛନ୍ତି। ଅନ୍ୟପକ୍ଷେ ଏଭଳି ଅନ୍ୟାୟ ପ୍ରତିବାଦରେ ଗ୍ରାହକ ମାନେ ରବିବାର ତରଭା ଥାନାରେ ଟାଟା ପାୱାରର ଏମ୍‌ଡିଙ୍କ ବିରୋଧରେ ଏତେଲା ଦେବେ ବୋଲି ଚାଷୀ ଓ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପ ଗୁଡିକରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ ଓ ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଗତ ଜିଲା ପରିଷଦ ବୈଠକରେ ପ୍ରବଳ ହୋହଲ୍ଲା ହୋଇଥିଲା। ନିର୍ବାଚିତ ଲୋକ ପ୍ରତିନିଧି ମାନେ ସୁବର୍ଣ୍ଣପୁର ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ତେବେ ଏହାର ସାମାନ୍ୟତମ ପ୍ରଭାବ ପଡିନଥିବା ବିଭାଗର କାର୍ଯ୍ୟରୁ ପରିଲକ୍ଷିତ ହୋଇଛି।

# ଡକାୟତି ଗ୍ୟାଙ୍ଗ୍‌ର ୫ ଗିରଫ

ବରଗଡ଼ ଅଫିସ୍/ସୋହେଲା,୨୧।୧


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ବରଗଡ଼ ଜିଲା ସୋହେଲା ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଏକ ଡକାୟତି ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୋହେଲା ଥାନା ଚିଚିଣ୍ଡା ଗ୍ରାମର ଶମ୍ଭୁ ଓରଫ ସୋମନାଥ ପଣ୍ଡା(୨୨), ମାଷ୍ଟରପଡ଼ାର ଦୁର୍ଯ୍ୟୋଧନ ପୋଡ଼(୩୦), ବାଞ୍ଜିପଡ଼ାର କୃପାସିନ୍ଧୁ ସିଂ(୨୮), କୁମ୍ଭାରବନ୍ଧ ପଡ଼ାର ବିଦ୍ୟାଧର ସତନାମୀ(୨୩) ଏବଂ ଉପରପଡ଼ାର ଛେଲକା ଓରଫ୍ ସୁଶାନ୍ତ ଭୁଏ(୨୬)। ଗିରଫ ଅଭିଯୁକ୍ତଙ୍କ ପାଖରୁ ୨ଟି ବାଇକ୍, ୨ଟି ଛୁରି, ୨ଟି ପ୍ଲାଷ୍ଟିକ ପାଇପ୍, ଲଙ୍କାଗୁଣ୍ଡ, ଟର୍ଚ୍ଚ ଲାଇଟ୍ ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ବିରୋଧରେ ସୋହେଲା ଥାନାରେ ଦଫା ୩୯୯. ୪୦୨ ଆଇପିସିରେ ଏକ ମାମଲା (ନଂ.୧୫।୨୩) ରୁଜୁ ହୋଇଛି।

ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତ୍ରିରେ ଗିରଫ ଅଭିଯୁକ୍ତମାନେ ବିଜୁ ଏକ୍ସପ୍ରେସ ୱେର ଛୁରିଆପାଲି ନିକଟରେ ଡକାୟତି ଯୋଜନା କରୁଥିଲେ। ଏ ନେଇ ସୂଚନା ପାଇ ସୋହେଲା ଥାନାର ଏକ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବାଇକ୍ ସହିତ ଅନ୍ୟ ସାମଗ୍ରୀ ଜବତ କରିଥିଲା।

## ମାୟାବର୍ହା ପାକ୍ସରେ କୃଷକ ମେଳା

ଏମ.ରାମପୁର,୨୧।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ମାୟାବର୍ହା ଗ୍ରାମ ପଞ୍ଚାୟତର ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରାଙ୍ଗଣରେ ଶୁକ୍ରବାର ପୂର୍ବାହ୍ନରେ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଚାଷୀ, କର୍ମଜୀବୀ ମହିଳାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉକ୍ତ କୃଷକ ମେଳାକୁ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୈଠକରେ ଆତ୍ମା ଅଧକ୍ଷ ପ୍ରଶାନ୍ତ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ସୁବର୍ଣ୍ଣପୁର ଜିଲା ପରିଷଦ ସଭାପତି ସୁପାର ଠେଲା ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ଗଣେଶ ଚନ୍ଦ୍ର ଭୋଇ ସମ୍ମାନିତ ଅତିଥି, କୃଷି ଜିଲା ଅଧିକାରୀ ବିନୋଦ କୁମାର ଲାକ୍ରା, ମୃତ୍ତିକା ରସାୟନବିତ୍ ନିରୂପମା ଗଣିତ, ସହକାରୀ ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର ପୃଷ୍ଟି, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଝସକେତନ ପଶାୟତ, ମିଶନ ଶକ୍ତି ବିଭାଗର ଗୋଷ୍ଠୀ କାର୍ଯ୍ୟକ୍ରମ ସଂଯୋଜକ ବାବାଜୀ ସାମଲ, ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ସଂଯୋଜକ ଆଲୋକ ମିଶ୍ର, ପୂର୍ବତନ କୃଷି କର୍ମଚାରୀ ମାଧବ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗୋଷ୍ଠୀ କୃଷି ଅଧିକାରୀ ଦିଲୀପ ରଞ୍ଜନ ମହାଳିକ ସ୍ୱାଗତ ଭାଷଣ ଦେଇ କୃଷକ ମେଳାର ଉଦ୍ଦେଶ୍ୟ କହିଥିଲେ। ଶସ୍ୟକାଟରେ ସର୍ବୋଚ୍ଚ ଅମଳ ପାଇଥିବା ସାରସମାଲ ଗ୍ରାମର ଚାଷୀ ମୁରଲୀଧର ସାହୁଙ୍କୁ ମୁଖ୍ୟଅତିଥି ସୁପାର ଠେଲା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ରଞ୍ଜନ କୁମାର ସାହୁ, ଗୁରୁଦେବ ସା, ପ୍ରତାପ ଦୀପ, ସନାତନ ନାଏକ, ଶଙ୍କର୍ଷଣ ପଧାନ, ଶ୍ୱେତାବାସନ୍ତୀ ଜଗଦଲ୍ଲା, ହରିପ୍ରିୟା ସାହୁ, ସୁଶୀଳ ଭୋଇ, ସ୍ୱାଧୀନ ପଧାନ ତଥା କୃଷକ ସାଥୀମାନେ ସକ୍ରିୟ ସହଯୋଗ କରିଥିଲେ।

# ଜଳ ପରିମଳ ବିଭାଗ ପୂର୍ବତନ ପରାମର୍ଶଦାତାଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ ଅଫିସ/ବୌଦ୍ଧ(ଡି.ଏନ୍.ଏ.), ୨୧।୧

ଏକ ଲାଞ୍ଚ କାରବାର ମାମଲାର ବିଚାର କରି ଫୁଲବାଣୀ ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଜଳ ପରିମଳ ବିଭାଗ(ଆରଡବ୍ଲ୍ୟୁଏସଏସ)ର ପୂର୍ବତନ ପରାମର୍ଶଦାତା(କନସଲଟାଣ୍ଟ) ଉତ୍କଳ କେଶରୀ ବସ୍ତିଆ। ସୂଚନା ଅନୁସାରେ, ୨୦୧୫ରେ ସ୍ୱଚ୍ଛ ଭାରତ ଗ୍ରାମୀଣ ଯୋଜନାରେ ଏକ ପାଇଖାନା ନିର୍ମାଣ ପାଇଁ ଜଣେ ବ୍ୟକ୍ତି ତାଙ୍କ ପୁଅଙ୍କ ନାମରେ ଆବେଦନ କରିଥିଲେ। ଏହାର ତଦାରଖ କରିବା ସହ କାର୍ଯ୍ୟାଦେଶ ଦେବା ପାଇଁ ସମ୍ପୃକ୍ତ ପରାମର୍ଶଦାତାଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଏଥିପାଇଁ ୧୦୦୦ ଟଙ୍କା ଦେବାକୁ ସେ ଦାବି କରିଥିଲେ। ଫଳରେ ଆବେଦନକାରୀ ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ହୋଇଥିଲା। ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପୂର୍ବତନ ଇନ୍ସପେକ୍ଟର ତଦନ୍ତ କରି କୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ବିଚାରପତି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।

# ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକୋତ୍ସବ



କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବୌଦ୍ଧ,୨୧।୧(ସ୍ୱ.ପ୍ର.)

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଦିନ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ରାଜଲକ୍ଷ୍ମୀ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଓ ସମ୍ମାନିତ ଅତିଥି ଭାବରେ ଉପଜିଲାପାଳ ରବିନ୍ଦ୍ର ନାଥ କହଁର ଯୋଗ ଦେଇଥିଲେ। ଅଧକ୍ଷା ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଏହି ଅନୁଷ୍ଠାନ ନିଜର ଅନୁଶାସନ ଓ ଶିକ୍ଷାନୀତି ଯୋଗୁ ଜିଲାରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପରିଗଣିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ପୁରସ୍କାର ବିତରଣ ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତ୍ୟ ପ୍ରଶିକ୍ଷକ ପ୍ରଶାନ୍ତ କୁମାରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ସୁମନ ମିଶ୍ର,ଅନୁରାଗ ମିଶ୍ର,ଭି.କୀର୍ତ୍ତିରାଜ ରାଜୁ, ତୋଷ୍ମାନୀ ମେହେର ଓ ଶୁଭସ୍ମିତା ମହାରଣା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମିତା ଶାହା ଧନ୍ୟବାଦ ଦେଇଥିଲେ।

# ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ବକ୍ତୃତା ସଭା


ବକ୍ତୃତା ସଭାରେ ଉପସ୍ଥିତ ଅତିଥିମାନେ।

ଡୁଙ୍ଗୁରିପାଲି, ୨୧।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ଶନିବାର ଏକ ବକ୍ତୃତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରାଧ୍ୟାପକ ବିବେକାନନ୍ଦ ଦାଶ ଅଧକ୍ଷତା କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସୁବାଷଚନ୍ଦ୍ର ଭୁଏ। ଏହି ଅବସରରେ ଆଜମେର ସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଇତିହାସ ପ୍ରଫେସର ତଥା ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ ଯୋଗଦେଇଥିଲେ। ଭାରତୀୟ ଜାତିବାଦ ଓ ସ୍ୱାଧୀନତା ସଂଗ୍ରାମୀ ଅନାଲୋଚିତ ନାରୀ' ଶୀର୍ଷକ ପ୍ରସଙ୍ଗ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସଭା ପୂର୍ବରୁ ପ୍ରଫେସର ନରେନ୍ଦ୍ର ପଧାନ ଓ ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ ମହାବିଦ୍ୟାଳୟ ପରିସରରେ ଥିବା ପ୍ରଜ୍ଞାରେଣୁ ଚଉରାରେ ରୀତିଯୁଗୀୟ କବି କୃଷ୍ଣକର ଦେଙ୍କ ଜନ୍ମମାଟିରୁ ଅଣାଯାଇଥିବା ପବିତ୍ର ମୃତିକାକୁ ରୋପଣ କରିଥିଲେ। ଏଥିରେ ମହାବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ। ସରୋଜ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଥମିକ ଶିକ୍ଷା ଗାଁ ବିକାଶର ମୂଳ ଆଧାର

ବରଗଡ଼ ଅଫିସ,୨୧।୧

ବରଗଡ଼ ବ୍ଲକ ଗୋଇସର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବ ଶନିବାର ସମାରୋହରେ ପାଳିତ ହୋଇଯାଇଛି। କମଳ ଲୋଚନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ଶିକ୍ଷା ଗାଁ ବିକାଶର ମୂଳ ଆଧାର ବୋଲି ସେ ଉଲ୍ଲେଖ କରିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମନୋରଞ୍ଜନ ସାହୁ ଓ ସୁଜିତ ପୃଷ୍ଠେଠ ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ ଗୋଟିଏ ଅନୁଷ୍ଠାନ ତାର ଶତବାର୍ଷିକୀ ମହୋତ୍ସବ ପାଳନ କରି ଅତୀତର ସ୍ମୃତିଚାରଣ କରିବା ସହ ଭବିଷ୍ୟତକୁ ସମୃଦ୍ଧ କରିବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଶତବାର୍ଷିକୀ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ା ଏକାନ୍ତ ଆବଶ୍ୟକ

**ବୀରମହାରାଜପୁର କଲେଜରେ ବାର୍ଷିକ କ୍ରୀଡା**

ଅମରପାଲି,୨୧।୧(ଡି.ଏନ.ଏ.)


କୃତୀ ଛାତ୍ରୀଛାତ୍ରଙ୍କ ସହିତ ଅତିଥି।

ଶାରୀରିକ ସୁସ୍ଥତା ପାଇଁ କ୍ରୀଡାର ଏକାନ୍ତ ଆବଶ୍ୟକତା ରହିଛି। ଛାତ୍ରୀଛାତ୍ରମାନେ ପାଠ ପଢିବା ସହିତ କ୍ରୀଡା ପ୍ରତି ଆଗ୍ରହ ପ୍ରକାଶ ପ୍ରକାଶ କରିବା ବାଞ୍ଛାନୀୟ। ଏହା ଆମକୁ ମାନସିକସ୍ତରରେ ଶକ୍ତିଶାଳୀ କରିବା ସହିତ ଶୃଙ୍ଖଳିତ ରଖିଥାଏ। ବୀରମହାରାଜପୁର କଲେଜର ୪୧ତମ ବାର୍ଷିକ କ୍ରିଡା ପ୍ରତିଯୋଗୀତାର ପୁରସ୍କାର ବିତରଣ ଉତ୍ସବରେ ନିମନ୍ତ୍ରିତ ଅତିଥିମାନେ ଏହି ମତ ରଖିଛନ୍ତି। କଲେଜ ଅଧକ୍ଷ ସୁଦାମ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, କଲେଜ ପରିଚାଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ହିଲୁଙ୍ଗ ପଞ୍ଚାୟତ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ବିଜୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ନରେନ୍ଦ୍ର ଚାନ୍ଦ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଡା.ହିମାଂଶୁ ଶେଖର ପାଢୀ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଜାମିନି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସତ୍ୟସାଗର ବ୍ରାହ୍ମଣୀ ଗୁମ୍ଫାରେ ବିଶ୍ୱଶାନ୍ତି ମହାଯଜ୍ଞ

ହେମଗିର,(ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ହେମଗିର ସ୍ଥିତ ସତ୍ୟସାଗର ବ୍ରାହ୍ମଣୀ ଗୁମ୍ଫାଠାରେ ଅଲେଖ ମହିମା ତରଫରୁ ମାଘମେଳା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂଜାର୍ଚ୍ଚନା ସହିତ ବିଭିନ୍ନ ଆଧାତ୍ମିକ ଓ ଧାର୍ମିକ ପାଠ କରାଯାଇଥିଲା। ମାଘମେଳାରେ ଅନେକ ମହିମା ଧର୍ମାବାବାଙ୍କ ସମାଗମ ହୋଇଥିଲା। ଏହି ଅବସରରେ କମିଟି ତରଫରୁ ବ୍ୟାପକ ଆୟୋଜନ କରାଯାଇଥିଲା। କମିଟିରେ ସଭାପତି ଅରୁପାନନ୍ଦ ବାବା, ଉପସଭାପତି ଜଦୁ କୁମାର ପାଣିଗ୍ରାହୀ, ସମ୍ପାଦକ ରାଜେନ୍ଦ୍ର ହୋତା, ସାଧାରଣ ସମ୍ପାଦକ ଉମେଶ ଚନ୍ଦ୍ର ପାଣ୍ଡେ, କୋଷାଧକ୍ଷ ବୃନ୍ଦାବନ ଠାକୁର, ସହ ସମ୍ପାଦକ ଅଖିଳ ଅଗାଲ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ

ରାଉରକେଲାରେ ଅଫିସ,୨୧।୧
ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୌରଭ ଜେନ(୩୩)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୨।୨୩) ରୁଜୁ କରିଛି। ସୂଚନା ଅନୁସାରେ, ରାଜସ୍ଥାନ ଜବଲପୁର ଅଞ୍ଚଳର ସୌରଭ ଏକ କମ୍ପାନୀର ଏରିଆ ମ୍ୟାନେଜର ଭାବେ ରାଉରକେଲାରେ କାମ କରନ୍ତି। ଇତିମଧ୍ୟରେ ଫେସ୍‌ବୁକ୍ ମାଧ୍ୟମରେ ଗୋପବନ୍ଧୁପାଲିର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରେ ସୌରଭ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ସୌରଭଙ୍କୁ ବିବାହ କରିବା ପାଇଁ କହିବାରୁ ସେ ଫୋନ୍ ସୁଇଚ୍ ଅଫ୍ କରି ଧରାଛୁଆଁ ଦେଉ ନ ଥିଲେ। ଏ ନେଇ ଜାନୁଆରୀ ୧୮ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଶୁକ୍ରବାର ସୌରଭଙ୍କୁ ଜବଲପୁର ଅଞ୍ଚଳରୁ ଗିରଫ କରିଥିଲା।

### ହକି ଷ୍ଟାଡିୟମ ପାର୍କିଂସ୍ଥଳରୁ ବାଇକ୍ ଚୋରି

ରାଉରକେଲାରେ ଅଫିସ,୨୧।୧
ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌କୁ ବିଶ୍ୱକପ୍ ମ୍ୟାଚ୍ ଦେଖିବାକୁ ଆସିଥିବା ଜଣେ ଦର୍ଶକଙ୍କର ବାଇକ୍ ଚୋରି ହୋଇଛି। ଏ ନେଇ ଛେଣ୍ଡ ପୋଲିସ ଏକ ମାମଲା (ନଂ.୧୦।୨୩) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ସେକ୍ଟର-୮ ର ଅଜିତ ବିଲୁଙ୍ଗ ଶୁକ୍ରବାର ବିର୍ସାମୁଣ୍ଡା ଷ୍ଟାଡିୟମରେ ହକି ମ୍ୟାଚ୍ ଦେଖିବା ପାଇଁ ଆସି ଷ୍ଟାଡିୟମର ୨ନଂ. ଷ୍ଟାଣ୍ଡରେ ତାଙ୍କ ବାଇକ୍ (ନଂ.ଓଆର୧୪କିୟୁ/୦୦୩୨)କୁ ପାର୍କିଂ କରିଥିଲେ। ମ୍ୟାଚ୍ ଦେଖିସାରିବା ପରେ ସେ ରାତି ୯ଟାରେ ବାଇକ୍ ଆଣିବା ପାଇଁ ଯାଇଥିଲେ। ମାତ୍ର ସେଠାରେ ତାଙ୍କ ବାଇକ ନ ଥିବା ଜାଣି ଖୋଜାଖୋଜି କରି ପାଇ ନ ଥିଲେ। ସେ ଶନିବାର ସକାଳେ ଛେଣ୍ଡ ଥାନାରେ ଅଭିଯୋଗ କରିଥିଲେ।

### ଟିକେଟ କଳାବଜାର, ଯୁବକ ଗିରଫ

ରାଉରକେଲା ଅଫିସ,୨୧।୧
ରାଉରକେଲା ସିଟିଫେଷ୍ଟ ଟିକେଟକୁ କଳାବଜାର କରୁଥିବାବେଳେ ସେକ୍ଟର-୧୫ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶ୍ୱଜିତ ନାୟକ(୩୦)। ତାଙ୍କଠାରୁ ଗୋଟିଏ ମୋବାଇଲ, ୭ଟି ଟିକେଟ ଓ ୨୬ ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୫।୨୩) ରୁଜୁ କରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ରାଉରକେଲା ସହରରେ ହକି ବିଶ୍ୱକପ୍ ଅବସରରେ ସେକ୍ଟର-୧୩ ମେଳଣ ପଡିଆରେ ସିଟି ଫେଷ୍ଟ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଫେଷ୍ଟରେ ଦର୍ଶକଙ୍କୁ ଟିକେଟ ମିଳୁ ନ ଥିବାବେଳେ ବିଶ୍ୱଜିତ ଶୁକ୍ରବାର ସନ୍ଧ୍ୟାରେ ୭ଟି ଟିକେଟକୁ ୧୦ ଗୁଣା ଦାମରେ ବିକ୍ରି କରୁଥିଲେ। ଖବର ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

# ଲୋକନୃତ୍ୟ, ସଙ୍ଗୀତରେ ଦର୍ଶକ ମତୁଆଲା


ଉତ୍ସବ ପ୍ରଧାନପାଟରେ ହ୍ୟୁମାନ ସାଗର ସଙ୍ଗୀତ ଗାଉଛନ୍ତି।


କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।



ମଞ୍ଚରେ ଅତିଥିମାନେ ଉପସ୍ଥିତ।

ଦେବଗଡ଼, ୨୧।୧(ଡି.ଏନ୍.ଏ.):
ସଂସ୍କୃତି ବିଭାଗ ଓଡ଼ିଶା ସରକାର ଓ ଦେବଗଡ଼ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡବଗିଚାଠାରେ ଚାଲିଥିବା 'ଉତ୍ସବ ପ୍ରଧାନପାଟ-୨୦୨୩' ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ବିଶେଷକରି ବିଶିଷ୍ଟ ଗାୟକ ହ୍ୟୁମାନ ସାଗରଙ୍କ ସଙ୍ଗୀତର ଯାଦୁ ଦର୍ଶକଙ୍କୁ ମତୁଆଲା କରିଥିଲା। ଆଜିର

### ଉତ୍ସବ ପ୍ରଧାନପାଟର ଦ୍ୱିତୀୟ ସନ୍ଧ୍ୟା

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି କୌଶିକ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡିଆଇପିଆରଓ ମନୋରଞ୍ଜନ ସୂତାର ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ। ଏହା ପରେ ମହାରୀ ନୃତ୍ୟ କଳାମଣ୍ଡପ ପକ୍ଷରୁ ଓଡିଶୀ ନୃତ୍ୟ, ଆଦିବାସୀ ନୃତ୍ୟ, କରମା ଡ୍ୟାନ୍ସ ଗ୍ରୁପ, ମାନିନୀ ଡ୍ୟାନ୍ସ ଗ୍ରୁପ, ଆଦର୍ଶ ଡ୍ୟାନ୍ସ ଗ୍ରୁପ, କଲିକତାର ବିହୁ ଓ କ୍ରିଏଟିଭ ଡ୍ୟାନ୍ସ ତଥା ବିଭିନ୍ନ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ପରିବେଷଣ ହୋଇଥିଲା।

## ବିଜୟୀ ପୁରୁଷ, ମହିଳା ଦଳକୁ ସମ୍ବର୍ଦ୍ଧନା

କୁତ୍ରା, ୨୧।୧(ଡି.ଏନ.ଏ.)
ହକି ବିଶ୍ୱକପକୁ ନେଇ ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ହକିପ୍ରତିଯୋଗିତାରେ ବିଜୟୀ ହୋଇଛି କୁତ୍ରା ବ୍ଲକ। ରାଉରକେଲାରେ ହେଉଥିବା ପୁରୁଷ ହକି ବିଶ୍ୱକପକୁ ସ୍ମରଣୀୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଉରକେଲାଠାରେ ଗତ ୧୯ ତାରିଖ ଜିଲାସ୍ତରୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ବର୍ଗରେ ଫାଇନାଲ ମ୍ୟାଚ କୁତ୍ରା ବ୍ଲକ ଏବଂ ଲାଠିକଟା ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ କୁତ୍ରା ବ୍ଲକ ୫-୦ ଗୋଲରେ ଲାଠିକଟାକୁ ପରାସ୍ତ କରି ବିଜୟୀ ହୋଇଥିଲା। ସେହିଭଳି ଭାବରେ ପୁରୁଷ ବର୍ଗରେ କୁତ୍ରା ବ୍ଲକ ଏବଂ ସୁନ୍ଦରଗଡ଼ ସଦର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ କୁତ୍ରା ବ୍ଲକ ୩-୦ ଗୋଲରେ ବିଜୟ ଲାଭ କରିଛି। ଶନିବାର


ଜିଲାସ୍ତରୀୟ ହକି ପ୍ରତିଯୋଗିତାରେ ବିଜୟୀ କୁତ୍ରା ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

### ଜିଲାସ୍ତରୀୟ ହକି ପ୍ରତିଯୋଗିତା

ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଉଭୟ ଦଳକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୧୦ ନମ୍ବର ରାଜ୍ୟ ରାଜପଥରୁ ତହସିଲ କାର୍ଯ୍ୟାଳୟ, ମେଡ଼ିକାଲ ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ପାଛୋଟି ନିଆଯାଇଥିଲା। ସେଠାରେ ଉଭୟ ଦଳର ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ବିଡ଼ିଓ ରବୀନ୍ଦ୍ର ସେଠୀ, ତହସିଲଦାର ମାନସୀ ନାଏକ, ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା, ଉପାଧ୍ୟକ୍ଷ କୌସ୍ତୁବ ଭୂଷଣ ହୋତା, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ଜନସ୍ୱାସ୍ଥ୍ୟ ସଚେତନତା ଶିବିର

ରାଉରକେଲା ଅଫିସ,୨୧।୧
ରାଉରକେଲା ସେକ୍ଟର-୬ ସ୍ଥିତ ଭଗବତୀ ପଲ୍ଲୀରେ ଥିବା ୱେଲଫେୟାର କମିଟି ସଭା ଗୃହରେ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଜନସ୍ୱାସ୍ଥ୍ୟ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଶିବିରରେ ଡ. ଜ୍ଞାନରଞ୍ଜନ ଗିରି, ସ୍ତ୍ରୀରୋଗ ବିଶେଷଜ୍ଞ ଡ. ଗୀତାଞ୍ଜଳି ପତ୍ରୀ, ଡ. ସୁରନାଥ ଜ୍ୟୋତିଷ ଓ ଡ. ସାମର୍ଥ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ରାଉରକେଲା ତଥା ଆଖାପାଖ ଅଞ୍ଚଳର ଶହେରୁ ଊର୍ଦ୍ଧ୍ୱ ରୋଗୀ ଯୋଗ ଦେଇଥିଲେ। ପ୍ରଗତି ଉତ୍କଳ ସଂଘ ସଭାପତି ଅଜୟ କୁମାର ନାୟକ, ରାଧାମୋହନ ନାୟକ, ରଶ୍ମିରଞ୍ଜନ ପଲାଇ, ଅଶୋକ ପଟ୍ଟନାୟକ, ଅରବିନ୍ଦ ପାତ୍ର, ତୃପ୍ତି ବେହେରା, ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଡାକ୍ତରୀ ନାମଲେଖା ନାଁରେ ଠକେଇ, ଜଣେ ଗିରଫ

ରାଉରକେଲାରେ ଅଫିସ,୨୧।୧
ଡାକ୍ତରୀ ଓ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇ ଦେବା ନାମରେ ଠକେଇ କରିଥିବା ଅଭିଯୋଗରେ ସେକ୍ଟର-୧୯ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିବ୍ୟ ସିଂ ପୂଜାରୀ(୩୦)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁସାରେ, ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ନିମାଖଣ୍ଡୀ ପେଣ୍ଠର ଦିବ୍ୟ ଗତ ଡିସେମ୍ବରରେ ରାଉରକେଲା ସେକ୍ଟର-୬ରେ ରହୁଥିବା ପ୍ରସନ୍ନ ସେନାପତିଙ୍କୁ ଏକ ଘରୋଇ କଲେଜରେ ତାଙ୍କ ପୁଅର ଡାକ୍ତରୀ ପାଠ ପଢିବା ପାଇଁ ଆଡମିଶନ କରିଦେବେ ବୋଲି ଫୋନ କରିଥିଲେ। ଏଥିରେ ପ୍ରସନ୍ନ ରାଜି ହୋଇ ତାଙ୍କୁ ପ୍ରଥମେ ୩୫ ହଜାର ଟଙ୍କା ଦେଇଥିଲେ। ପରେ ଦିବ୍ୟ ଡୋନେଶନ ଦେଢ ଲକ୍ଷ ଟଙ୍କା ଏବଂ କଲେଜରେ ରହିବା ଓ ଖାଇବା ସହ ଅନ୍ୟାନ୍ୟ ବାବଦକୁ ସମୁଦାୟ ୩୪ ଲକ୍ଷ ଟଙ୍କା ନେଇଯାଇଥିଲେ। ପରେ ଦିବ୍ୟ ପ୍ରସନ୍ନଙ୍କ ଫୋନକୁ ବ୍ଲାକଲିଷ୍ଟରେ ପକାଇ ଦେଇଥିଲେ। ଫଳରେ ପ୍ରସନ୍ନଙ୍କ ସହ ଦିବ୍ୟଙ୍କର କୌଣସି ଯୋଗାଯୋଗ ହୋଇପାରି ନ ଥିଲା। ଏ ନେଇ ପ୍ରସନ୍ନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୪।୨୨) ରୁଜୁ କରି ଘଟଣାର ତଦନ୍ତ କରି ଶୁକ୍ରବାର ଦିଗପହଣ୍ଡି ଅଞ୍ଚଳରୁ ଦିବ୍ୟଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦିବ୍ୟ ୨୦୧୯ରୁ ବିଭିନ୍ନ ଘରୋଇ ଇଞ୍ଜିନିୟରିଂ କଲେଜରେ ନାମଲେଖା ବାବଦକୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ସ୍ୱୀକାର କରିବା ଥାନାଧିକାରୀ ମାନସ ବାରିକ ସୂଚନା ଦେଇଛନ୍ତି।

## ଶଙ୍କରା କପ୍ କ୍ରିକେଟ ଉଦ୍‌ଘାଟିତ


ଶଙ୍କରା କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମୂହୂର୍ତ୍ତ।

ସୁନ୍ଦରଗଡ଼, ୨୧।୧(ଡି.ଏନ.ଏ.):
ସୁନ୍ଦରଗଡ଼ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ପାଖ ଖେଳପଡିଆରେ ତୃତୀୟ ବର୍ଷ ଶଙ୍କରା କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଶନିବାର ମ୍ୟାଚରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ମଙ୍ଗଳା କିଷାନ ଏବଂ ସମ୍ମାନିତ ଅତିଥି ଭାବେ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରିକେଟ ଟୁର୍ନାମେଣ୍ଟରେ ଷୋହଳଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚର ଚାମ୍ପିୟନ ଦଳକୁ ନଗଦ ଏକ ଲକ୍ଷ ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ଷାଠିଏ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏମଡି କଲିମ, ଗଜି ପାଣ୍ଡବ ସହିତ ଏହି ଟୁର୍ନାମେଣ୍ଟର ଆୟୋଜକ ମଧ୍ୟରେ ବଣ୍ଟି ନାଏକ, କୈଳାସ ତନ୍ତି, ବିଶାଳ କୁମରା, ଗୌରବ ଅମାତ, ଜଗଦୀଶ ପଟେଲ, ହେମନ୍ତ ରଣା, ନରେଶ ପଟେଲ, ରାଜେଶ ସାହୁ, ରଜତ ଅଧା, ଅଶୋକ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆର୍‌ଏସ୍‌ପିର ବିଭିନ୍ନ ୟୁନିଟ୍‌କୁ ଆଇଏସ୍‌ଓ ପ୍ରମାଣପତ୍ର

ରାଉରକେଲାରେ ଅଫିସ,୨୧।୧
ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ନୂତନ ପ୍ଲେଟ୍ ମିଲ, ବ୍ଲାଷ୍ଟ ଫର୍ଣ୍ଣେସ-୫, କୋକ୍ ଓଭେନ ବ୍ୟାଟେରୀ-୬ ଓ ପାୱାର ଆଣ୍ଡ ବ୍ଲୋଇଂ ଷ୍ଟେଶନ ମେସର୍ସ ଟିୟୁଭି ଇଣ୍ଡିଆ ପ୍ରାଇଭେଟ ଲିମିଟେଡଠାରୁ ଆଇଏସ୍‌ଓ ୫୦୦୦୧:୨୦୧୮ ଶକ୍ତି ପରିଚାଳନା ବ୍ୟବସ୍ଥା ପ୍ରମାଣପତ୍ର ଲାଭ କରିଛି। ଏହି ପ୍ରମାଣପତ୍ର ୨୦୨୬ ଜାନୁଆରୀ ୧ ପର୍ଯ୍ୟନ୍ତ ବୈଧ ରହିବ। ଉକ୍ତ ପ୍ରମାଣପତ୍ର ପାଇଁ ୨୦୨୨ ନଭେମ୍ବର ୧୯ ତାରିଖରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ଅଡିଟ ହୋଇଥିଲା। ଅଡିଟ ସମୟରେ ଅଡିଟରମାନେ ସମସ୍ତ ଧାରା ଓ ଉପଧାରା ଯାଞ୍ଚ କରିଥିଲେ। ଏହାସହ ଦଳକୁ ଶକ୍ତି ସମ୍ବନ୍ଧୀୟ କାର୍ଯ୍ୟକଳାପ କ୍ଷେତ୍ର ଅପରେଶନ, ରକ୍ଷଣାବେକ୍ଷଣ, ଦକ୍ଷତା ବିକାଶ, ନେତୃତ୍ୱ ଓ ପ୍ରତିବଦ୍ଧତା, ଆଇନଗତ ଆବଶ୍ୟକତା ଅନୁପାଳନ ଆଦି ଦିଗରେ ମାର୍ଗଦର୍ଶନ ମଧ୍ୟ କରିଥିଲେ। ସୂଚନାଯୋଗ୍ୟ, ଆଇଏସ୍‌ଓ ୫୦୦୦୧:୨୦୧୮ ଏକ ସମ୍ମାନଜନକ ମାନକ ଓ ଏହାର କାର୍ଯ୍ୟକାରିତା ଆର୍‌ଏସ୍‌ପିକୁ କ୍ରମାଗତ ଭାବେ ଶକ୍ତି ମୂଲ୍ୟ ଓ ଗ୍ରୀନ ହାଉସ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ପ୍ରମାଣପତ୍ର ଶକ୍ତି ପ୍ରଦର୍ଶନ କ୍ଷେତ୍ରରେ ଆର୍‌ଏସ୍‌ପିର ବିଶ୍ୱସନୀୟତାକୁ ସୁଦୃଢ କରିବ। ଆରଏସ୍‌ପି କାର୍ଯ୍ୟ ଅଞ୍ଚଳର ଅନ୍ୟ ଶକ୍ତି ଆଧାରିତ ୟୁନିଟଗୁଡିକୁ ମଧ୍ୟ ପର୍ଯ୍ୟାୟକ୍ରମେ ଏହାର ପରିସରଭୁକ୍ତ କରାଯିବ ବୋଲି ଆର୍‌ଏସ୍‌ପି ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

ଦେବଗଡ଼, ୨୧।୧(ଡି.ଏନ୍.ଏ.)-
ପୁରୁଷ ହକି ବିଶ୍ୱକପର ପ୍ରଚାର ଓ ପ୍ରସାର ନିମନ୍ତେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି। ଗ୍ରାମାଞ୍ଚଳରୁ କୃତୀ ପ୍ରତିଯୋଗୀ ଚୟନ କରାଯାଇ ବ୍ଲକ ସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ବ୍ଲକ ସ୍ତରରୁ ଚୟନ କରାଯାଇ ଏବଂ ପୌରାଞ୍ଚଳରୁ ଚୟନ କରାଯାଇ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ଜିଲା ପରିଷଦ ସଭାପତି କୌଶିକ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲୁକାସ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ଅତିଥି ଭାବେ ଡିଏଫ୍‌ଓ ମଗର ଧାନାଜୀ ରାଓସୋ, ପୌରପରିଷଦର ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଡିସକସ ଥ୍ରୋ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତା ଆଧାରରେ ତୃତୀୟ ଲିଙ୍ଗମାନଙ୍କର ୨୦୦ ମିଟର ଦୌଡ ପ୍ରତିଯୋଗିତା ଓ ଭିନ୍ନକ୍ଷମମାନଙ୍କ ଦ୍ୱାରା ମ୍ୟୁଜିକ ଚେୟାର ଖେଳ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ କୈଳବ୍ୟ କିଶୋର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର ନାୟକ, ସହସମ୍ପାଦକ ଡିଲେଶ୍ୱର ପ୍ରଧାନ, ପ୍ରଦୀପ ବେହେରାଙ୍କ ସମେତ ୨୦ଜଣ ଖେଳ ଶିକ୍ଷକ, ଜିଲା ପରିଷଦର ସହାୟକ ପ୍ରକଳ୍ପ ଅଧିକାରୀ ଦୀପକ ବେହେରା ସହଯୋଗ କରିଥିଲେ।

## ତସଲାଡିହିରେ ଯୁବ ଶାନ୍ତି ଦିବସ

ସୁନ୍ଦରଗଡ଼,୨୧।୧(ଡି.ଏନ୍.ଏ.)
ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ତସଲାଡିହି ଗ୍ରାମରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଯୁବ ଶାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତସଲାଡିହି ସରପଞ୍ଚ ଧୀରଜ କୁମାର କେର୍କେଟା, ସାମାଜିକ କର୍ମୀ ସୁଶୀଲ କୁମାର ପାଉଲେ, ଶିକ୍ଷକ ମଳୟ ପୃଷ୍ଟେଠ, ଜାତୀୟ ସ୍ୱେଚ୍ଛାସେବୀ ନିର୍ମଳ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।



## ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ

ଦେବଗଡ଼, ୨୧।୧(ଡି.ଏନ୍.ଏ.)-
ଦେବଗଡ଼ ଜିଲା ବାରକୋଟସ୍ଥିତ ଡଁରା ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଡଁରା ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷ ଯାତ୍ରାକର ପ୍ରଧାନଙ୍କ ସଭାପତିତ୍ୱ ଓ ଅଧ୍ୟାପକ ମନୋଜ କୁମାର ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଦେବଗଡ଼ ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଜିଲା ପରିଷଦ ସଦସ୍ୟ



ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ସମରେନ୍ଦ୍ର କୁମାର ଜିତ, ଡଁରା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରକାଶ କୁମାର ପାଣି, ଶିକ୍ଷାବିତ ତଥା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରୁଦ୍ରନାରାୟଣ ସାହୁ ଓ ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଗୌରବମୟ ଇତିହାସ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପିକା ଭୁବନେଶ୍ୱରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଉଭୟ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ସଲିମ୍-ସୁଲେମାନଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ରାଉରକେଲା ଅଫିସ,୨୧।୧
ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅବସରରେ ସେକ୍ଟର-୧୩ ସ୍ଥିତ ମେଳନ ପଡିଆରେ ସିଟିଫେଷ୍ଟ କାର୍ଯ୍ୟକ୍ରମ ଚାଲିଛି। ସିଟିଫେଷ୍ଟର ଶନିବାର ଅଷ୍ଟମ ସନ୍ଧ୍ୟାରେ ବଲିଉଡ୍ ସଙ୍ଗୀତକାର ସଲିମ-ସୁଲେମାନଙ୍କ ସଙ୍ଗୀତ ମହକରେ ମହକି ଯାଇଥିଲା ରାଉରକେଲା ଷ୍ଟିଲ୍‌ସିଟି। କୁରବାଁ ହୁଆ..., ଯେ ଖୁଦା... ଆଦି ଲୋକପ୍ରିୟ ହିନ୍ଦୀ ଗୀତରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ ଉଭୟ ବଲିଉଡ୍ ସଙ୍ଗୀତକାର। ଏହାସହ ମୁମ୍ବାଇରୁ ଆସିଥିବା ଅର୍ଥନୀତି ଗବେଷିକା ଜସମିନ୍ ଖୁରାନା ସିଟିଫେଷ୍ଟରେ ଯୋଗଦେଇ ଦର୍ଶକମାନଙ୍କୁ ପରିଣତ ବୟସରେ ବି


ବଲିଉଡ୍ ସଙ୍ଗୀତକାର ସଲିମ-ସୁଲେମାନ ସଙ୍ଗୀତ ପରିବେଷଣ କରୁଛନ୍ତି।

ନିଜର ଇଚ୍ଛାଶକ୍ତି ବଳରେ କୌଣସି କାର୍ଯ୍ୟକୁ ସାଧନ କରାଯାଇପାରେ ବୋଲି

### ସିଟିଫେଷ୍ଟର ଅଷ୍ଟମ ସନ୍ଧ୍ୟା

ଅନେକ ରୁଚିକର କାହାଣୀ ଓ ଗଳ୍ପମାନ ଶୁଣାଇଥିଲେ। ସିଟିଫେଷ୍ଟ ଉପଲକ୍ଷେ ଲୁଡକିଡିହି ମର୍ଦ୍ଦାନୀ ଝୁମେର, ଫୁଲବାଣୀର ସଙ୍ଗୀତ ଆରାଧନା କଳା ପରିଷଦର ସମ୍ବଲପୁରୀ ଡ୍ୟାନ୍ସ ଓ ରାଉରକେଲାର ଦିଶ୍ ଇଜ୍ ଦ କ୍ରୋ କଳା ପରିଷଦ କଳାକାରଙ୍କର ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ଛଉନୃତ୍ୟ ଦର୍ଶକମାନଙ୍କୁ ବେଶ୍ ବିମୋହିତ କରିଥିଲା। ସିଟି ଫେଷ୍ଟର ୮ମ ସନ୍ଧ୍ୟା ଦର୍ଶକମାନଙ୍କ ପାଇଁ ବେଶ୍ ଧମାକାଦାର ରହିଥିଲା। ରାଉରକେଲା ସହରର ହଜାର ହଜାର ଦର୍ଶକ ଉତ୍ସବ ଓ ବିଭିନ୍ନ ରାଜ୍ୟର ଖାଦ୍ୟ ବ୍ୟଞ୍ଜନର ମଜା ନେଉଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ପାଣି ପଞ୍ଚାୟତ ପକ୍ଷ ପାଳନରେ ପ୍ରତିଯୋଗିତା

**ଦେଓଗାଁ,୨୧।୧(ଡି.ଏନ.ଏ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ଉଠାଜଳସେଚନ ବିଭାଗ ଆନୁକୂଲ୍ୟରେ ଦେଓଗାଁ, ଗୁଡଭେଲା ଓ ସଇଁତଳା ବ୍ଲକର ଛାତ୍ରୀଛାତ୍ରଙ୍କ ମଧରେ କ୍ୱିଜ, ତର୍କ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩ଟି ବ୍ଲକର ମୋଟ ୬୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗିତାର ପ୍ରଥମ ତିନିଜଣ କୃତିପ୍ରତିଯୋଗୀଙ୍କୁ ଫେବୃୟାରୀ୧ ତାରିଖରେ ବଲାଙ୍ଗୀର ଟାଉନହଲଠାରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦଲାଇଙ୍କ ପ୍ରଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ମିତ୍ରଭାନୁ ମିଶ୍ର, ଅମୃତ କୁମାର ବାଗ, ସତ୍ତ୍ୱବାନ ଜେନା, ସନ୍ଦିପ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପର୍ଯ୍ୟବେକ୍ଷକଭାବେ ବନ୍ଧପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା ଯୋଗଦେଇଥିଲେ। ଏବିଇଓ ଅଜିତ କୁମାର ମିଶ୍ର ଓ ଭକ୍ତଚରଣ ଦାଶ, ଅଗ୍ନୀ କୁମାର ନାଏକ, ନବୀନ କୁମାର ମେହେର, ପ୍ରତାପ ମିଶ୍ର, ରାଜ କିଶୋର ମିଶ୍ର ପ୍ରମୁଖ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

### ଅକ୍ଷୟ ଯୋଷୀ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କୋକସରା,୨୧।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତ ଦାବ୍ରିଗୁଡା ଲାଲ ବାହାଦୁର ଶାସ୍ତ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ନକ ଆଉଟ ଅକ୍ଷୟ କୁମାର ଯୋଷୀ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇ ଯାଇଛି । ଯୁବକ ସଂଘର ସଭାପତି ଦାରିକା ନାଥ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଧର୍ମଗଡ ମୌଷଧି ବାଗ, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଦୁର୍ଗା ପ୍ରସାଦ ନାଏକ, ସଞ୍ଜୟ ସିଙ୍ଘଲ, ପ୍ରମୋଦ କିଶୋର ଦାସ, ନିଳାମ୍ବର ମାଝୀ, ପଙ୍କଜ ପୋଢ଼, ଗୋକୁଳ ଚନ୍ଦ୍ର ଖମାରି, ଧର୍ମେନ୍ଦ୍ର ପୋଢ଼, ଜୟପାଳ ନାଏକ, ଦିଲୀପ କୁମାର ଯୋଷୀ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ବଗାଡ଼ ଓ ଝାର କୁଣ୍ଡାମାଲ ଦଳ ମଧରେ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ସୀମା ମଧରେ କେହି କାହାକୁ ଗୋଲ କରିବାରେ ସଫଳ ନ ହେବାରୁ ପରେ ପେନାଲ୍‌ଟି ଶୁଟ ଆଉଟରେ ୨-୦ ଗୋଲରେ ଝାର କୁଣ୍ଡାମାଲ ଦଳ ଚାମ୍ପିୟନ ହୋଇଥିଲେ। ବିଜୟୀ ଓ ରନର୍ସ ଅପ ଦଳକୁ ଅତିଥିମାନେ ଟ୍ରଫି ସହ ପୁରସ୍କୃତ କରିଥିଲେ। ଫାଇନାଲ ଖେଳକୁ ଖେଳ ଶିକ୍ଷକ ଶଙ୍କର ପୋଢ଼, ଚିତ୍ତରଞ୍ଜନ ଠାକୁର, ଭୁଜବଲ ନାଏକ ପରିଚଳନା କରିଥିଲେ। ବିକ୍ରମ କେତକୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଲାଲ ବାହାଦୁର ଯୁବକ ସଂଘର ସମ୍ପାଦକ ଡମ୍ବରୁ ଦୁର୍ଗା, କରୁଣା ଦୁର୍ଗା, ଭକ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# କ୍ଷତିପୂରଣ ଦାବିରେ ବିଜୁ ଏକ୍ସପ୍ରେସ ୱେ ଅବରୋଧ

**କୋକସରା,୨୧।୧(ଡି.ଏନ.ଏ.)**


ଭୁର୍ଷାଗୁଡା ଗ୍ରାମ ନିକଟରେ ରାସ୍ତା ଅବରୋଧ କରାଯାଇଛି ।

କ୍ଷତିପୂରଣ ଦାବିରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଭୁର୍ଷାଗୁଡା ଗ୍ରାମର ଜମି ହରାଇଥିବା କେତେକ ପରିବାର ଶନିବାର ବିଜୁ ଏକ୍ସପ୍ରେସ ୱେ ଅବରୋଧ କରିଥିଲେ। ଆମପାଣିଠାରୁ ଧର୍ମଗଡ ଦେଇ ନିର୍ମାଣାଧୀନ ବିଜୁ ଏକ୍ସପ୍ରେସ ୱେ ପାଇଁ ଭୁର୍ଷାଗୁଡା ଗ୍ରାମର ବନମାଳୀ ମାଝୀ, ପରକ୍ଷିତ ମାଝୀ, ରିକ ମାଝୀ, ଔରତ ମାଝୀ, ସୋମନାଥ ମାଝୀ, ପୁରୁଷୋତ୍ତମ ମାଝୀ, ନୀଳକଣ୍ଠ ମାଝୀଙ୍କ ପରିବାର ପ୍ରାୟ ୧୧ ଏକର ଜମି ହରାଇଛନ୍ତି । ଜମି ଅଧିଗ୍ରହଣର ୬ ବର୍ଷ ପରେ ମଧ କ୍ଷତିପୂରଣ ମିଳିନାହିଁ। ଭୁର୍ଷାଗୁଡା ନିକଟରେ ଅପରାହ୍ନ ୩ ଟାରୁ ଜମି ହରାଇଥିବା ପରିବାର ରାସ୍ତାରେ କଣ୍ଟା ଓ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ଆମପାଣି ଓ କୋକସରା ପୋଲିସ ପହଞ୍ଚି ଆନ୍ଦୋଳନରେ ବସିଥିବା ପରିବାର ସହ ଆଲୋଚନା ଜାରି ରଖିଥିଲେ। ତେବେ ସେମାନେ କୌଣସି ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୁ ହଟିବୁ ନାହିଁ ବୋଲି ଜିଦରେ ଅଡି ବସିଥିଲେ। ତେବେ ପୋଲିସ ବୁଝାଶୁଝା କଲା ପରେ ରାସ୍ତା ଅବରୋଧରୁ ଉଠିଥିବା ନେଇ କୋକସରା ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ନବକିଶୋର ବେହେରାଙ୍କୁ ପଚାରିବାରେ ଅଧିଗ୍ରହଣ ହୋଇଥିବା ଜମି ଦଖଲ ଉପରେ ତହସିଲରୁ କୌଣସି ରିପୋର୍ଟ ଆସିନାହିଁ। ଏଣୁ କ୍ଷତିପୂରଣ ମିଳିନାହିଁ ବୋଲି ସେ କହିଛନ୍ତି।

## ମା’ କାଳିକେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଖେଳାଳିଙ୍କ ସହ ଉପସ୍ଥିତ ଅତିଥି ।

**କୋକସରା,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ଅନ୍ତର୍ଗତ ହଂସପଡା ଖେଳ ପଡିଆରେ ମା’ କାଳିକେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମା’ କାଳିକେଶ୍ୱରୀ ଫୁଟବଲ ଆସୋସିଏଶନ ପକ୍ଷରୁ ସଭାପତି ଆକାଶ ପାତ୍ରଙ୍କ ସଭାପତିତ୍ୱରେ ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ ଏମ୍‌ପି ପ୍ରତିନିଧି ସୁଧୀର ପାତ୍ର, ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ହେମନ୍ତ ବାଣୁଆ ଯୋଗଦେଇ ମା’ କାଳିକେଶ୍ୱରୀ ଦେବୀଙ୍କ ପୂଜାର୍ଚ୍ଚନା ପରେ ଫୁଟବଲ ଟୁର୍ନାମେଣ୍ଟର ପତାକା ଉତ୍ତୋଳନ କରିଥିଲେ। ପରେ ଉଦ୍‌ଘାଟନୀ ମ୍ୟାଚର ଉଭୟ ଦଳ ମକରନ୍ଦ ୧୧ ନାଏକେନଗୁମା ଓ ବଙ୍ଗୋମୁଣ୍ଡା ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚରେ ଉଭୟ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶିତ କରିଥିବା ବେଳେ ମକରନ୍ଦ ୧୧ ଦଳ ୪-୦ ଗୋଲରେ ବଙ୍ଗୋମୁଣ୍ଡା ଦଳକୁ ପରାଜିତ କରି ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଥିଲେ। ଖେଳ ଶିକ୍ଷକ ତାପସ ଦାସ, ଭୂପେନ୍ଦ୍ର ଗୋପାଳ ଓ ଜଗମୋହନ ମାଝୀ ଖେଳ ପରିଚଳନା କରିଥିଲେ। ଖେଳର ଧାରା ବିବରଣୀ ବାବୁଲାଲ ଶବର ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ରଞ୍ଜନ କୁମାର ପାତ୍ର, ଉପେନ୍ଦ୍ର ମାଝୀ,ଧରମ ସିଂ ବାଣୁଆ, ମୁକୁନ୍ଦ ଭାଟି, ଆକାଶ ପାତ୍ର, ତୁଷାର ପାତ୍ର, ପ୍ରେମଲାଲ ବାଣୁଆ, ପଙ୍କଜ ପୂଝାରି, ଟିକେଶ୍ୱର ଦାସ, ମୋହନ ମାଝୀ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଆସନ୍ତା ୨୬ ତାରିଖରେ ହେବ।

## ନାରୀଙ୍କ ଅନ୍ତର୍ନିହିତ ଶକ୍ତିର ଜାଗରଣ ସମାଜରେ ପରିବର୍ତ୍ତନ ଆଣିବ

**ସିନାପାଲି,୨୧।୧(ଡି.ଏନ୍.ଏ.)**

**୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ତୃତୀୟ ଦିନରେ ଲକ୍ଷାଧିକ ଲୋକଙ୍କ ସମାଗମ**

ନୂଆପଡ଼ା ଜିଲା ସିନାପାଲିଠାରେ ଅନୁଷ୍ଠିତ ନାରୀ ସଶକ୍ତିକରଣ ଶ୍ରଦ୍ଧା ସମ୍ବର୍ଦ୍ଧନ ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଶନିବାର ତୃତୀୟ ଦିବସରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ପୂର୍ବାହ୍ନରୁ ବିଭିନ୍ନ ଜିଲା ଏବଂ ଛତିଶଗଡ଼ ରାଜ୍ୟର ହଜାରହଜାର ଶ୍ରଦ୍ଧାଳୁଙ୍କ ଯୋଗୁ ସିନାପାଲି ସହର ଲୋକାରଣ୍ୟ ହୋଇଥିଲା। ବାହାରୁ ଆସୁଥିବା ଅତିଥି ଶ୍ରଦ୍ଧାଳୁଙ୍କୁ ସମ୍ମାନ ଦେବାକୁ ସହରର ପ୍ରତ୍ୟେକ ପରିବାର ନିଜ ଅଗଣାରେ କଳସ ସ୍ଥାପନ କରିଥିବାବେଳେ ସ୍ଥାନେ ସ୍ଥାନେ ପାନୀୟ ଜଳର ବ୍ୟବସ୍ଥା କରିଛନ୍ତି। ପୂର୍ବଦିନ ଭଳି ଶନିବାର ମଧ୍ୟ ନିର୍ଦ୍ଧାରିତ ସମୟରେ ୨୫୧ ଜଣ ମୁଖ୍ୟ ଜଜମାନ ଦମ୍ପତ୍ତିଙ୍କୁ ନେଇ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଗଣିତ ଶ୍ରଦ୍ଧାଳୁ ଯଜ୍ଞକୁଣ୍ଡରେ ଆହୁତି ପ୍ରଦାନ କରିଥିଲେ। ଯଜ୍ଞକାର୍ଯ୍ୟର କେନ୍ଦ୍ରବିନ୍ଦୁ ଥିଲେ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ଡକ୍ଟର ଚିନ୍ମୟ ପାଣ୍ଡ୍ୟା ଜୀ। ପୂର୍ବାହ୍ନରେ ସେ ଛତିଶଗଡ଼ ରାୟପୁର ଦେଇ ସିନାପାଲି ପହଞ୍ଚିଲା ପରେ ସ୍ଥାନୀୟ ଯୁଗେନପଦର ଛକଠାରେ ତାଙ୍କୁ ସ୍ୱାଗତ କରାଯାଇ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ପାଛୋଟି ନିଆଯାଇଥିଲା। ସନ୍ଧ୍ୟାରେ ଡ. ପାଣ୍ଡ୍ୟା ନିଜ ଉଦ୍‌ବୋଧନ ମାଧ୍ୟମରେ ଯୁଗେଯୁଗେ ନାରୀ ନିଜ ଶକ୍ତିର ପ୍ରୟୋଗ ଦ୍ୱାରା ସମାଜରେ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଛି। ତେଣୁ ଆଜିର ନାରୀ ନିଜ ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରିପାରିଲେ ଆମ ଇପସିତ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଛତିଶଗଡ଼ ପ୍ରଭାରି ନିର୍ମଳ କର ଜୀ ମଧ୍ୟ ଯୋଗଦେଇ ନିଜ ବାଣୀରେ ଶ୍ରଦ୍ଧାଳୁଙ୍କୁ ସମ୍ବୋଧନ କରିଥିଲେ। ଏହି ଅବସରରେ ପ୍ରଜ୍ଞା ପ୍ରବଚନ ସହିତ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଦ୍ୱାରା ଏକ ଲକ୍ଷ ପଚିଶ ହଜାର ଦୀପ ପ୍ରଜ୍ଜଳନ କାର୍ଯ୍ୟକ୍ରମକୁ ଚିତ୍ତାକର୍ଷକ କରି ତୋଳିଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଓ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦାନ କରି ଏହି ଐତିହାସିକ ଏବଂ ସୁବ୍ୟବସ୍ଥିତ ଯଜ୍ଞ ସମାବେଶକୁ ପ୍ରଂଶସା କରିଛନ୍ତି। ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନରେ ଶାନ୍ତିକୁଞ୍ଜରୁ ଆସିଥିବା ପ୍ରଜ୍ଞାପୁରୁଷ ପ୍ରଫେସର ପ୍ରମୋଦ ଭଟ୍ଟନାଗର, ବେଦ ଗବେଷକ ଗାୟତ୍ରୀ କିଶୋର ତ୍ରିବେଦୀ, ଡକ୍ଟର ଜିତେନ୍ଦ୍ର ମିଶ୍ରା, ଶେଷଦେବ ବଢ଼େଇ, ପ୍ରଦୀପ ସାହୁ, ଯଜ୍ଞ କମିଟି ସଭାପତି ତରୁଣ କୁମାର ମେହେର, ସମ୍ପାଦକ ତ୍ରିନାଥ ମେହେର, ଉପସଭାପତି ହିରାଲାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଦିନେଶ ମେହେର, ମୁନେଶ ଅଗ୍ରୱାଲ, ବିଚିତ୍ର ସାହୁ, ଶୈଳେସ ଅଗ୍ରୱାଲ, ପ୍ରଦୀପ ଜୈନ, ପୂର୍ଣ୍ଣଚନ୍ଦ୍ର ମେହେର, ହରିଓମ ଜିନ୍ଦଲ, ଅର୍ଜୁନ ବାଗ, ଶ୍ରୀକାନ୍ତ ମେହେର ପ୍ରମୁଖଙ୍କ ସହ ଗାୟତ୍ରୀ ପରିବାରର ଶହଶହ ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## ଦୁଇ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ମହିଳାଙ୍କୁ ଗଣବଳାତ୍କାର ମାମଲା**

**ନୂଆପଡ଼ା ଅଫିସ,୨୧।୧**

ନୂଆପଡ଼ା ଜିଲା ସିନାପାଲି ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ ଗଣବଳାତ୍କାର ମାମଲାର ବିଚାରକରି ଜିଲା ଦୌରା ଓ ଦେୱାନୀ ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ୨ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ୩ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ଦେଇଛନ୍ତି। ସିନାପାଲି ଥାନା ଅଞ୍ଚଳର ଏକ ଗାଁର ଜଣେ ମହିଳା ଗତ ୨୦୨୧ ଅଗଷ୍ଟ ୧୦ ତାରିଖ ଗାଁ ନିକଟ ପୋଖରୀକୁ ଏକାକି ଗାଧୋଇବାକୁ ଯାଇଥିଲେ। ସେହି ଗାଁର ବିଶ୍ୱବିହାରି ସିଂ ମାଝି ଓ ବରୁଣ ମାଝି ମାଡ଼ମାରି ନିକଟ ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ଉଭୟ ଯୁବକ ଗଣବଳାତ୍କାର କରିବା ସହ ଚେତାଶୂନ୍ୟ ଅବସ୍ଥାରେ ଛାଡି ଦେଇ ଚାଲିଯାଇଥିଲେ। ମହିଳାଙ୍କର ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ସ୍ୱାମୀ ପୋଖରୀକୁ ଖୋଜିବାକୁ ଯାଇଥିଲେ। ପୋଖରୀ ପାଖ ଜଙ୍ଗଲରେ ମହିଳା ଜଣକ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଏନେଇ ମହିଳା ଜଣକ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ଜିଲା ଦେୱାନୀ ଓ ଦୌରା ଜଜ୍‌ଙ୍କ ନିକଟରେ ମାମଲା ବିଚାରଧିନ ରହିଥିଲା। ଏହି ମାମଲାରେ ୧୮ଜଣ ସାକ୍ଷଙ୍କ ବୟାନକୁ ଭିତ୍ତିକରି ଜଜ୍ ପଟ୍ଟନାୟକ ଉପରୋକ୍ତ ରାୟ ଦେଇଛନ୍ତି ବୋଲି କ୍ୟାଡର ପିପି ବେଣୁଲାଲ ପ୍ରଧାନ ସୂଚନା ଦେଇଛନ୍ତି।

## ଆନ୍ତଃବିଦ୍ୟାଳୟସ୍ତରୀୟ ଖେଳ ପ୍ରତିଯୋଗିତା

**ଜି.ଏମ. ପବ୍ଲିକ ସ୍କୁଲ**

**ବେହେରା,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମସ୍ଥିତ ହାଇସ୍କୁଲ ପଡିଆଠାରେ ଜି.ଏମ. ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ତ୍ରିଦିବସୀୟ ଆନ୍ତଃବିଦ୍ୟାଳୟ ଖେଳ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଧର୍ମଗଡ ଓ କୋକସରା ବ୍ଲକର ୩୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବାକୁ ଥିବା ବେଳେ ପ୍ରଥମ ଦିବସରେ ଅନୁଷ୍ଠିତ କ୍ରିକେଟ ପ୍ରତିଯୋଗିତାରେ ୧୬ ଟି ବିଦ୍ୟାଳୟର କ୍ରିକେଟ ଟିମ୍ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମ ରାଉଣ୍ଡରେ ଗୋତମୁଣ୍ଡା ୟୁଜିଏଚଏସ, ଧର୍ମଗଡ ସ୍କୋଲାର ମଡେଲ ସ୍କୁଲ, ଧର୍ମଗଡ ସଂସ୍କାର ମଡେଲ ସ୍କୁଲ, ଥୁଟିବର ପ୍ରାଥମିକ ବିଦ୍ୟାଳୟ, ଛଞ୍ଚାଣବାହାଲି ପ୍ରାଥମିକ ବିଦ୍ୟାଳୟ, ବେହେରା ନୋଡାଲ ସ୍କୁଲ, ଖୁଣ୍ଟିଆ ୟୁଜିଏଚ୍‌ଏସ ଓ ତେଣ୍ଡାପାଲି ପ୍ରାଥମିକ ବିଦ୍ୟାଳୟ ସମେତ ଆଠଟି ଟିମ୍ ବିଜୟ ଲାଭ କରିଥିଲେ । ୨୫ ତାରିଖ ଦିନ ଶେଷ ପର୍ଯ୍ୟାୟ ଖେଳ ହେବ । ଜିଏମ ପବ୍ଲିକ ସ୍କୁଲର ଅଧକ୍ଷ ସଞ୍ଜୀବ ଆପ୍ପୁଙ୍କ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ସାମାଜିକ କର୍ମୀ ପ୍ରଶାନ୍ତ ତିୱାରୀ,ସମ୍ମାନିତ ଅତିଥି ଭାବେ ତୁଳସୀରାମ ଅଗ୍ରୱାଲ, ଇଶ୍ୱରଲାଲ ଅଗ୍ରୱାଲ, ପବନ ଅଗ୍ରୱାଲ,ସମିତି ସଭ୍ୟ କିଶୋର ନାଗ,ସିଆରସିସି ମାର୍କେଣ୍ଡେୟ ନାଗ, ବଳରାମ ପୁଝାରୀ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ସଚ୍ଚିଦାନନ୍ଦ ଗଉଡ ଓ ରୁଦ୍ର ନାଏକ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ। କ୍ରିକେଟ ଖେଳ ସହ କବାଡି, ମ୍ୟୁଜିକ୍ ଚେୟାର, ଡିବେଟ ଆଦି ପ୍ରତିଯୋଗିତା ୩ ଦିନ ଧରି ହେବ ବୋଲି ଅଧକ୍ଷ ଆପ୍ପୁ ସୂଚନା ଦେଇଥିଲେ ।

## ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ: ତୁଜୁଙ୍ଗ ବିଜୟୀ


ଖେଳାଳିଙ୍କ ସହ ଅତିଥି।

**ମଦନପୁର,୨୧।୧(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଠାରେ ଶନିବାର କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିନରେ ମୁଖ୍ୟଅତିଥି ଭାବରେ ଯୁବ ବିଜେଡି ବ୍ଲକ ସଭାପତି ସତ୍ୟ ନାରାୟଣ ସାହୁ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସରପଞ୍ଚ ଜୟରାମ ମହାନନ୍ଦ,ସାମାଜିକ କର୍ମୀ ଦୁର୍ଯୋଧନ ପାତ୍ରୀ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ ଟୁର୍ଚି ଏବଂ ତୁଜୁଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟୁର୍ଚି ଦଳ ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା ଏବଂ ନିର୍ଦ୍ଧାରିତ ୧୦ ଓଭରରେ ୨୬ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ତୁଜୁଙ୍ଗ ଦଳ ୨୭ ରନ କରି ବିଜୟୀ ଘୋଷିତ ହୋଇଥିଲା। ଏହି ମ୍ୟାଚରେ ଅମ୍ପାୟାର ଦ୍ୱୟ ବିରେନ୍ଦ୍ର ବାହୁକ ଏବଂ ରାଜିନ୍ଦ୍ର ରଣା ଖେଳ ପରିଚାଳନା କରିଥିଲେ। ରଜନୀ ଦାସ ଏବଂ ନରେଶ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ ଥିଲେ ଶମ୍ଭୁ ବାହୁକ ଓ ଦେବାଶିଷ ଦଣ୍ଡିଆ।

## ଜିଲାସ୍ତରୀୟ ଯୁବ ରେଡକ୍ରସ ଶିବିରରେ ରକ୍ତଦାନ



ଜଣେ ରକ୍ତଦାତା ରକ୍ତ ଦାନ କରୁଛନ୍ତି ।

**କୋକସରା,୨୧।୧(ଡି.ଏନ.ଏ.)**

**୩୩ ୟୁନିଟ ରକ୍ତ ସଂଗୃହୀତ**

ସ୍ଥାନୀୟ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଯୁବ ରେଡକ୍ରସ ଶିବିରର ଦ୍ୱିତୀୟ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଡ. ମାନବେଶ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁଣାକାର ପଣ୍ଡାଙ୍କ ନେତୃତ୍ୱରେ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ,ଶିବିରରେ ଯୋଗ ଦେଇଥିବା ପରାମର୍ଶଦାତା ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ସୁବ୍ରତ କୁମାର ବେହେରାଙ୍କ ସମେତ କାହ୍ନୁ ଶବର, ରାକେଶ ନାଗ, ଗୋଲକ ବିହାରୀ ତାଣ୍ଡି, ଶ୍ରଦ୍ଧାରାଣୀ ପ୍ରଧାନୀ, ନିଳିମା ଶବର, ଦୀପକ ପୁଝାରୀ, ଫାଲଗୁନୀ ଦାଶ, ମନୋରଞ୍ଜନ ଗହୀର, ସିଦ୍ଧାନ୍ତ ପଟେଲ, ଯଶୋବନ୍ତ ଦୁର୍ଗା, ଅମିତ ଶବର, ଧନସିଂହ ଶବର, ହୁକମି ନାଗ, ଗୌରାଙ୍ଗ ବାଗଙ୍କ ସମେତ ମୋଟ ୩୩ ଜଣ ରକ୍ତଦାନ କରିଥିଲେ। ଡ.ଲିପିକା ମହାନ୍ତି, ସେବିକା କାଜଲ ରାଓ, ଧର୍ମଗଡସ୍ଥିତ ଓଡ଼ିଶା ରକ୍ତ କେନ୍ଦ୍ରର ଟେକ୍ନିସିଆନ ଗଜାନନ ବେହେରା, ନିଗମାନନ୍ଦ ଗୋପାଳ, କୃତ୍ତିବାସ ଦଣ୍ଡସେନା ଓ ଡମ୍ବରୁଧର ମେହେର ପ୍ରମୁଖ ରକ୍ତ ସଂଗ୍ରହ ପରିଚାଳନାରେ ସହଯୋଗ କରିଥିଲେ।

## ଗଦ୍ୟାଂଶ ଯୁବ ପ୍ରତିଭା ସମ୍ମାନ ପାଇଲେ ଗାଳ୍ପିକ ସୁଧୀର ଧଙ୍ଗଡ଼ାମାଝୀ

**ରୁପ୍ରାରୋଡ଼,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଗ୍ରାମର ଯୁବ ଗାଳ୍ପିକ ସୁଧୀର କୁମାର ଧଙ୍ଗଡ଼ାମାଝୀଙ୍କୁ ’ଗଦ୍ୟାଂଶ ଯୁବ ପ୍ରତିଭା ସମ୍ମାନ-୨୦୨୨’ପ୍ରଦାନ କରାଯାଇଛି। ସାହିତ୍ୟ ପତ୍ରିକା ’ଗଦ୍ୟାଂଶ’ ପକ୍ଷରୁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅନ୍ତର୍ଗତ ଅଟାସପୁର ବେଳାଭୂମିରେ ଆୟୋଜିତ ଗଦ୍ୟାଂଶ ଉତ୍ସବ ଅବସରରେ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଉକ୍ତ ସାହିତ୍ୟ ଉତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫୦ରୁ ଉର୍ଦ୍ଧ୍ୱ ଯୁବ ଗାଳ୍ପିକା ଗାଳ୍ପିକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଗାଳ୍ପିକ ଡ. ଅଜୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଗାଳ୍ପିକ ଅମରେଶ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ କବି ପ୍ରଶାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବିକାଶ କୁମାର ଶତପଥୀ, ପ୍ରକାଶକ ତଥା କବି ବାଦଲ ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ମୁକୁନ୍ଦ ଶତପଥୀ, ଗାଳ୍ପିକ ତପନ ମହାପାତ୍ର ମଞ୍ଚାସୀନ ଥିଲେ। ’ଗଦ୍ୟାଂଶ’ର ସମ୍ପାଦକ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ବେତାର ଉଦ୍‌ଘୋଷିକା ମିତା ପଟ୍ଟନାୟକ ପରିଚାଳନା କରିଥିଲେ।



ପୁରସ୍କୃତ ସୁଧୀର ଧଙ୍ଗଡାମାଝୀ ।

# ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ଖରାପ

**ଭବାନୀପାଟଣା,୨୧।୧(ସ୍ୱ.ପ୍ର.)**

**କଳାହାଣ୍ଡି ଜିଲା**

**■ଡାକ୍ତର, ନର୍ସ, ଫାର୍ମାସିଷ୍ଟ ପଦବୀ ଖାଲି**

କଳାହାଣ୍ଡି ଜିଲାରେ ସ୍ୱାସ୍ଥ୍ୟସେବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି। ଏହାସତ୍ତ୍ୱେ ମଧ ସ୍ୱାସ୍ଥ୍ୟସେବାରେ କୌଣସି ସୁଧାର ଆସୁନାହିଁ। ଜିଲାରେ ଖାଲି ପଡିଥିବା ଆବଶ୍ୟକ ପଦବୀଗୁଡିକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂରଣ କରାଯାଉ ନ ଥିବାରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ୧୬ଟି, ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ), ଅନ୍ୟ ଏକ ହସ୍‌ପିଟାଲ ଓ ଉପଖଣ୍ଡ ଡାକ୍ତରଖାନା (ଏସ୍‌ଡିଏଚଏଚ) ରହିଛି। ଏହାସହ ଜିଲାରେ ଅନେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି) ରହିଛି। ଏହିସବୁ ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ତେବେ ଏକ ରିପୋର୍ଟ ଅନୁଯାୟୀ, ଜିଲାରେ ଅନୁମୋଦିତ ଡାକ୍ତର ସଂଖ୍ୟା ୪ଶହରୁ ମାତ୍ର ୧୬୬ଜଣ କାର୍ଯ୍ୟ କରୁଥିବା ଜଣାପଡିଛି। ସେହିପରି ଆୟୁଷ ଡାକ୍ତର ୫୫ରୁ ୨୬, ଷ୍ଟାଫ ନର୍ସ ୨୫୩ରୁ ୧୬୦, ଫାର୍ମାସିଷ୍ଟ ୧୧୨ ରୁ ୮୭ ଓ ବିଶେଷଜ୍ଞ ଡାକ୍ତର ୧୦୭ ରୁ ୩୭ ଜଣ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଜିଲାରେ ସ୍ୱାସ୍ଥ୍ୟସେବା କେମିତି ଚାଲୁଥିବା ତାହା ସହଜେ ଅନୁମେୟ। ଏହି ଖାଲି ପଡିଥିବା ପଦବୀ ତାଲିକାକୁ ଦେଖିଲେ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ ଖରାପ ଥିବା ମନେହୁଏ।ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଜିଲାରେ ଖାଲି ପଡିଥିବା ପଦବୀକୁ ପୂରଣ କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଜିଲାର ଭବାନୀପାଟଣା ସହରସ୍ଥିତ ଭଙ୍ଗାବାରୀରେ ନିର୍ମାଣ ଚାଲିଥିବା ଏକମାତ୍ର ମେଡିକାଲ କଲେଜ ବର୍ତ୍ତମାନ ସୁଦ୍ଧା ଶେଷ ହୋଇନାହିଁ। ଯାହାକୁ ନେଇ ଗତ ୧୭ ତାରିଖ ଦିନ ଭବାନୀପାଟଣାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ରାଜ୍ୟ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଆସନ୍ତା ମାର୍ଚ୍ଚ ୨୦୨୩ ସୁଦ୍ଧା ଏହାକୁ ସାରିବାକୁ ପିଡବ୍ଲୁଡି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।



ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୨ ଜାନୁୟାରୀ, ୨୦୨୩

## ବିଜ୍ଞାନ, କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟିତ

ଜାମଟିକ୍ରା,୨୧।୧(ଡି.ଏନ.ଏ.): ଅତାବିରା ଘୁଡୁକାଟିକ୍ରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ଓ କମ୍ପ୍ୟୁଟର ଲ୍ୟାବ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଡ଼ ସୁଷମା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଲ୍ୟାବ୍‌କୁ ଉଦ୍‌ଘାଟନ କରିଥିଲେ। ସିଲୁଲାଲ ଅଗ୍ରୱାଲ, ଶିଶିର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା ସମିତି ସଭାପତି ପ୍ରଦୀପ କୁମାର କର୍ଣ୍ଣ, ସମ୍ପାଦକ ପ୍ରେମାନନ୍ଦ ସାହୁ, କୋଷାଧ୍ୟକ୍ଷ ରଣଜିତ ଦେବତା, ସହ ସମ୍ପାଦକ କୃଷ୍ଣେନ୍ଦ୍ର ସାଥୁଆ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କଅତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।



## ସଂକ୍ଷେପରେ

### ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ପାଇକମାଲ,୨୧।୧(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ବ୍ଲକ ସାଲେପାଲି ସ୍ଥିତ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ପରିଚାଳନା କମିଟି ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ବରପାଲି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟବକ୍ତା, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପାଇକମାଲ ବ୍ଲକ ଅଧ୍ୟକ୍ଷା ଭାବନା ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଲେଜ ଛାତ୍ରୀଛାତ୍ରମାନଙ୍କୁ ଧୈର୍ଯ୍ୟ ରଖି ପାଠ ପଢିଲେ ନିଶ୍ଚିତ ଆଗକୁ ଯାଇପାରିବ ବୋଲି ପରାମର୍ଶ ଦେଇଥିଲେ। ଇଂରାଜୀ ଅଧାପକ ପ୍ରଦୀପ୍ତ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଲୋହିତ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଅଧାପିକା ଝରଣା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଭୁତିଆପାଲି କଲେଜରେ ଆତ୍ମରକ୍ଷା ତାଲିମ ଶିବିର

ଅମରପାଲି,୨୧।୧(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ପଞ୍ଚାୟତର ଭୁତିଆପାଲିସ୍ଥିତ ପରମେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧକ୍ଷ ସୁବାଷ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ସେଲ୍ଫ ଡିଫେନସ ପ୍ରୋଗ୍ରାମର ନୋଡାଲ ଅଫିସର କିରଣବାଳା ଦାଶ ମୁଖ୍ୟ ଅତିଥି, ପ୍ରୋଗ୍ରାମ କୋଅର୍ଡିନେଟର ମଧୁସୂଦନ ପୁଜାହାରୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଆତ୍ମରକ୍ଷା ତାଲିମର ଆବଶ୍ୟକତା ଉପରେ ମତ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଶରତ ଦଳାଇ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସରକାର ସ୍କୁଲ କଲେଜ ମାନଙ୍କରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ ବ୍ୟବସ୍ଥା କରୁଛନ୍ତି। ଏଣୁ ପ୍ରତ୍ୟେକ ଛାତ୍ରୀ ତାଲିମ ଗ୍ରହଣ କରିବା ସହିତ ଅନ୍ୟ ଝିଅମାନଙ୍କୁ ମଧ୍ୟ ଏହି ତାଲିମ ପ୍ରଦାନ କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କଲେଜର ୬୯ଜଣ ଛାତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ମାମି ଘିବେଲା ଓ ବାସନ୍ତି ମହାନନ୍ଦ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମର କୌଶଳ ପ୍ରଦାନ କରିଥିଲେ।

### ମାହେଶ୍ୱରୀ କ୍ରିକେଟ: ଡାଲଡବା ଚାମ୍ପିୟନ

**ଅମରପାଲି,୨୧।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ଭାଲିଆପଦର ଠାରେ ଏମଏମସିସି ପକ୍ଷରୁ ଚାଲିଥିବା ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଉଫୁଲାକୁ ହରାଇ ଡାଲଡବା ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବୀରମହାରଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ସମାଜସେବୀ ସପନ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଶ୍ୟାମସୁନ୍ଦର ପଣ୍ଡା ଓ ଧର୍ମେନ୍ଦ୍ର ମେହେର ଏଥିରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅରବିନ୍ଦ ଓ ଗୋପୀନାଥ ଖେଳ ପରିଚାଳନା କରିଥିଲେ ।

### ଫୁଟବଲ ପ୍ରତିଯୋଗିତା

**ବରଗଡ଼ ଅଫିସ,୨୧।୧:** ବରଗଡ଼ ବ୍ଲକ ଚକରକେନ୍ଦ ସନ୍ଥକବି ଭୀମଭୋଇ ମହାବିଦ୍ୟାଳୟରେ ଆନ୍ତଃ ବିଭାଗୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ କାର୍ତ୍ତିକେୟ ସାଥୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ବରଗଡ଼ ବ୍ଲକ ବିଜେଡି ସଭାପତି ତଥା ଗୋବିନ୍ଦପୁର ସେବା ସମବାୟ ସମିତି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳ କଲେଜର ତୃତୀୟ ବର୍ଷ ଛାତ୍ର ଟିମ୍‌କୁ ପୁରସ୍କୃତ କରିଥିଲେ। ଅଧାପକ ଦରିଦ୍ର ପ୍ରଧାନ, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶାସ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପବିଜେତା ଦଳ ଦ୍ୱିତୀୟ ବର୍ଷ ଛାତ୍ର ଟିମ୍‌କୁ ପୁରସ୍କୃତ କରିଥିଲେ। ରାଜିନ ବାରିକ, ଶଙ୍କର୍ଷଣ ପ୍ରଧାନ, ପ୍ରତାପ ସାହୁ, ଖଗେଶ୍ୱର ଭୋଇ, ଅଙ୍କିତ ଦାଶ, ପ୍ରମୋଦ ସେଟ ପ୍ରମୁଖ ସହଯୋଗ କରିଥିଲେ।

# ୨୧୧ ନିର୍ମାଣ ଶ୍ରମିକଙ୍କୁ ମିଳିଲା ୧.୭୯ କୋଟି

## ସୁବର୍ଣ୍ଣପୁରରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର

**ସୋନପୁର,୨୧।୧(ନି.ପ୍ର.)**


ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ମୃତ୍ୟୁ ସହାୟତା ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଶ୍ରମ ବିଭାଗ ପକ୍ଷରୁ ସୋନପୁର ନୂତନ ଟାଉନ ହଲ ପରିସରରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଶନିବାର ଆୟୋଜିତ ହୋଇଯାଇଛି। ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତାସ୍ମିଗ୍ଧା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନେ ରାଜ୍ୟ ନିର୍ମାଣର ପ୍ରକୃତ ବିନ୍ଧାଣୀ ବୋଲି କହିଥିଲେ। ଏହି ଅବସରରେ ଜିଲାର ୨୧୧ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୧ କୋଟି ୭୯ ଲକ୍ଷ ୩୫ ହଜାର ଟଙ୍କାର ସହାୟତା ରାଶି ଅନଲାଇନରେ ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷା ମିଶ୍ର ହିତାଧିକାରୀଙ୍କୁ ଡେମୋ ଚେକ୍ ପ୍ରଦାନ କରିଥିଲେ। ଏହି ଶିବିରରେ ୭୫ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପରିବାରକୁ ୫ ହଜାର ଟଙ୍କା ଲେଖାଏ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ଓ ୨ଲକ୍ଷ ଟଙ୍କା ଲେଖାଏ ମୃତ୍ୟୁ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ୧୨ ଜଣ ମହିଳା ଶ୍ରମିକଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରସୂତୀକାଳୀନ ସହାୟତା, ୪୮ ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏ ବିବାହ ସହାୟତା ଓ ଶ୍ରମିକ ପରିବାରର ତ୍ରିନାଥ ମହାନନ୍ଦଙ୍କୁ ଉଚ୍ଚତର ଶିକ୍ଷା ପାଇଁ ୪୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଅଧ୍ୟକ୍ଷା ମିଶ୍ର ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ଓଡିଶା ସରକାରଙ୍କ, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ମିଳୁଥିବା ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରକୃତ ନିର୍ମାଣ ଶ୍ରମିକମାନେ ନିଜ ନାମ ପଞ୍ଜିକୃତ କରି ସରକାରଙ୍କ ବିଭିନ୍ନ ସହାୟତା ନେବାକୁ ମିଶ୍ର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍, ଜିଲା ଶ୍ରମିକ ସଂଗଠନ ସମନ୍ୱୟ ସମିତିର ସଭାପତି ଗୋବିନ୍ଦ ମହାରଣା ଓ ସହକାରୀ ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ ଯୋଗଦାନ କରିଥିଲେ। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ସଭାରେ ଅଧ୍ୟକ୍ଷତା କରି ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ପ୍ରସୂତୀ କାଳୀନ ସହାୟତା, ଶିକ୍ଷାବୃତ୍ତି ସହାୟତା, ବିବାହ ସହାୟତା, ଯନ୍ତ୍ରପାତି କ୍ରୟ ସହାୟତା ଓ ମୃତ୍ୟୁ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ସୁଚିସ୍ମିତା ପାତ୍ର ସଭାକୁ ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଏହି ଅବସରରେ ବହୁ ସଂଖ୍ୟକ ନିର୍ମାଣ ଶ୍ରମିକ ଓ ବିଭିନ୍ନ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ଜାମଟିକ୍ରା,୨୧।୧(ଡି.ଏନ.ଏ.)**

ଅତାବିରା ଏନ୍‌ଏସି ଅଧୀନ ଲାଦରପାଲି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ଅଧିବେଶନରେ ଅତାବିରା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜୟକୃଷ୍ଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଧାୟିକା ସେହ୍ନାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବିଡିଓ ପ୍ରମୋଦ ଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସ୍କୁଲର ସଭାପତି ଶେଷଦେବ ନାଏକ, ସମ୍ପାଦକ କୃଷ୍ଣଚନ୍ଦ୍ର ପଧାନ, ବରିଷ୍ଠ ନାଗରିକ ସଂଘ ସଭାପତି ବେଣୁଧର ମିଶ୍ର, ସ୍କୁଲର ଅଧ୍ୟକ୍ଷ ଟିକେଲାଲ ଚାନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।

# ନିଶା ନିବାରଣ ସଚେତନତା ଶୋଭାଯାତ୍ରା


ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

## ବରିଷ୍ଠ ନାଗରିକ ସଙ୍ଗଠନର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଅମରପାଲି,୨୧।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନ ତରଫରୁ ନିଶା ନିବାରଣ ସଚେତନତା ଶୋଭାଯାତ୍ରା କରାଯାଇଛି। ସଂପ୍ରତି ଯବପୀଢି କିପରି ନିଶା ସେବନ କରି ଧନ ଜୀବନ ହରାଉଛନ୍ତି ଏହା ଉପରେ ଏକ ଆଲୋଚନା ଚକ୍ର ସଂଘ କାର୍ଯ୍ୟାଳୟରେ ଆୟୋଜନ କରାଯାଇଥିଲା। ଏହାପରେ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠାନ ସଭାପତି ଡ଼. ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ବାହାରିଥିଲା। ସଙ୍ଗଠନ କର୍ମକର୍ତ୍ତା ସଂଘ କାର୍ଯ୍ୟାଳୟରୁ ବାହାରି ମୁଖ୍ୟ ଛକ, ତ୍ରିବେଣି ଛକ ଦେଇ ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚ ଥିଲେ। ସେଠାରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦକ ସନ୍ତୋଷ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦୟାନିଧି ହୋତା, ଗୋପୀନାଥ ମହାକୁର, ଭଗବାନ ମିଶ୍ର, ଦିଲୀପ ତ୍ରିପାଠୀ, ଅକ୍ଷୟ ହୋତା,ବିଷ୍ଣୁ ଚରଣ ପଣ୍ଡା, ଚନ୍ଦ୍ର କୁମାର ବିଶି, କୃଷ୍ଣଚନ୍ଦ୍ର ମଲ୍ଲିକ, ଚମରା ମହାକୁର, ରମେଶ ପ୍ରସାଦ ନନ୍ଦ, ଅକ୍ରୁର ଦନ୍ତା ଏଥିରେ ସାମିଲ ହୋଇଥିଲେ ।

# ପାତାଳି ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା

**ସୋନପୁର/ଉଲୁଣ୍ଡା, ୨୧।୧(ନି. ପ୍ର/ଡ଼ି.ଏନ.ଏ)**


କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ରରେ ୧୮ତମ ପାତାଳି ମହୋତ୍ସବ ପାଇଁ ଶନିବାର କଳସ ଓ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ଜାଚ୍ଚନା ପରେ ମହିଳାମାନେ ଜଗନ୍ନାଥ ପୋଖରୀରୁ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣିଥିଲେ। ଏହି ଅବସରରେ ଡୁଙ୍ଗୁରି ମହିଳା ସଂକୀର୍ତ୍ତନ ଦଳ ନାମ କୀର୍ତ୍ତନ କରି ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଉଲୁଣ୍ଡା ବ୍ଲକ କଳାକାର ସଂଘ ଉପସଭାପତି ଶ୍ୟାମସୁନ୍ଦର ସୁନା ଦଣ୍ଡନୃତ୍ୟ, କରମସାନୀ, ମହିଳା ସଂକୀର୍ତ୍ତନ ଦଳ ଆଣିଥିଲେ। ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳାକ୍ଷେତ୍ର ପାତାଳି ଶ୍ରୀକ୍ଷେତ୍ରରେ ଆସନ୍ତା ରବିବାରଠାରୁ ମହୋତ୍ସବ ଆରମ୍ଭ ହୋଇ ୨୯ତାରିଖରେ ପୂର୍ଣ୍ଣାହୂତି ସହ ସମ୍ପନ୍ନ ହେବ। ୫୬ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ଭାଗବତ ସପ୍ତାହ ପାରାୟଣ ସହ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶନିବାର କାର୍ଯ୍ୟକ୍ରମରେ ପାତାଳୀ କ୍ଷେତ୍ର ଟ୍ରଷ୍ଟର କାର୍ଯ୍ୟକ୍ରମ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଜାନକୀରାମ ଦେହେରୀ, ମହାଦେବ ସାହୁ ଓ ଜଗଦୀଶ କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାପାଳ ଅଫିସରେ ମହିଳା କ୍ଲବ ଗଠନ

**ବୌଦ୍ଧ,୨୧।୧(ସ୍ୱ.ପ୍ର.)**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ମହିଳା କର୍ମଚାରୀମାନଙ୍କୁ ନେଇ ଏକ ମହିଳା କ୍ଲବ ଗଠନ ହୋଇଯାଇଛି। ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ପ୍ରେରଣାରେ ବୌଦ୍ଧରେ ପ୍ରଥମଥର ପାଇଁ ମହିଳା ସରକାରୀ କର୍ମଚାରୀମାନେ ଏପରି ମହିଳା କ୍ଲବ ଗଠନ କରିଛନ୍ତି। ମହିଳା କ୍ଲବର ସଭାପତି ଭାବେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଉପସଭାପତି କଳ୍ପନା ସ୍ୱାଇଁ ଓ ସମ୍ପାଦିକା ଭାବରେ ଡେପୁଟି କଲେକ୍ଟର ଝରଣା ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। କ୍ଲବର ଉପଦେଷ୍ଟା ଭାବେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ସଂଘମିତ୍ରା ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ରବିନ୍ଦ୍ର ନାଥ କହଁର, ବୌଦ୍ଧ ତହସିଲଦାର ଦେବୀ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ମାଣ୍ଡୋସିଲ କଲେଜରେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ବରପାଲି/ପାଇକମାଲ, ୨୧।୧(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ଜଗବନ୍ଧୁ ଦାସ ଉଚ୍ଚମାଧମିକ ମହିଳା ବିଦ୍ୟାଳୟରେ ଶନିବାର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଉଚ୍ଚମାଧମିକ ମହିଳା ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମେହେର ଅଧକ୍ଷତା କରିଥିଲେ। ଖେଳ ଶିକ୍ଷୟିତ୍ରୀ ସୁଶ୍ରୀ ବନ୍ଦିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ ମୁଖ୍ୟଅତିଥି, ସମ୍ପାଦକ ହର୍ଷ ବେହେରା ସମ୍ମାନିତ ଅତିଥି ଏବଂ ରୂପାଲି ମେହେର, ରେଣୁକା ଗହୀର, ଝୁମି ସେଟ, ଶୁଭସ୍ମିତା ବୁଦ୍ଧିଆ ଅନ୍ୟତମ ଅତିଥି ତଥା ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇଥିଲେ। ଏଥିରେ ୧୨୮ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧାପିକା ବନ୍ଦିତା ପଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ରବୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।

ସେହିପରି ବରଗଡ ଜିଲା ମାଣ୍ଡୋସିଲ ଜୁନିୟର କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ପ୍ରାଧାପିକା ପୁଷ୍ପାଞ୍ଜଳି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅଧାପିକା ଜୟଶ୍ରୀ ମେହେର ପରିଚାଳନା କରିଥିଲେ। ସଭାରେ ଅଧାପିକାମାନେ ଆତ୍ମରକ୍ଷା ବିଷୟରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଶିକ୍ଷିକା ନନ୍ଦିନୀ ରାଉତ ଓ ସୋନାଲି ବିଶ୍ୱାଳ ୮ ଦିନ ଧରି ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ। ତାଲିମ ନେଇଥିବା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧାପିକା ଅନାମିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲରମ୍ଭା କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ଜାମଟିକ୍ରା, ୨୧।୧(ଡି.ଏନ.ଏ.)**

ଅତାବିରା ବ୍ଲକ ଲରମ୍ଭା କଲେଜର ୪୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦାଶିବ ପୁରୋହିତ ମୁଖ୍ୟ ଅତିଥି, ରବିନାରାୟଣ ପଣ୍ଡା, ଅଶ୍ୱିନୀ କୁମାର ପ୍ରଧାନ, ସାବିତ୍ରୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ଚିତ୍ତ ରଞ୍ଜନ ଛନ୍ଦ, ଶୁଭ୍ରାଂଶୁ ସାହୁ, ରମେଶ ସେଠ, ପ୍ରିତମ ପଣ୍ଡା, ସୁଦୀପ୍ତ ସାହୁ, ରାଜେଶ ଭୋଇ, ହରିଶ ପାତ୍ର ଖେଳ ପରିଚାଳନା କରିଥିଲେ। ସିଦ୍ଧେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ଚିନ୍ତା, ଚେତନା ପ୍ରସାରିତ କରେ



ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ/ସୋହେଲା, ୨୧।୧(ଡି.ଏନ.ଏ.)**

ପୁସ୍ତକ ବ୍ୟକ୍ତିଙ୍କୁ ଯୁଗୋପଯୋଗୀ କରାଏ। ଜୀବନ ଗଠନରେ ସହାୟକ ହୁଏ। ଏହା ସଂସ୍କାରବାନ କରିବା ସହ ବ୍ୟକ୍ତିର ଚିନ୍ତା ଓ ଚେତନାକୁ ପ୍ରସାରିତ କରିଥାଏ। ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ବ୍ଲକ ପରିକ୍ରମାରେ ସୋହେଲା ବ୍ଲକର ହଳଦୀପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଅଧାପକ ଗୋପାଳକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଟେକଚାନ୍ଦ ଦୁଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ ପୁସ୍ତକର ଏକ ଉତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବ୍ୟକିଶୋର ମହାନନ୍ଦ, ସହକାରୀ ଶିକ୍ଷକ ଦୀପ୍ତି ପ୍ରକାଶ ଦାଶ, ଗୁପ୍ତା ଭୋଇ, ଶିକ୍ଷୟିତ୍ରୀ ପ୍ରିୟମ୍ୱଦା ସାହୁ, ଅନୀତା ନାୟକ ଓ ଇତିଶ୍ରୀ ପାଢ଼ୀ ପୁସ୍ତକର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ବକ୍ତବ୍ୟରେ ଛାତ୍ରଛାତ୍ରୀ କଲ୍ୟାଣୀ ସୁନା, ବର୍ଷା ବିଶି ଓ ସୁବ୍ରତ ସୁନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ଜିଲାସ୍ତରରେ ପୁରସ୍କୃତ ହେବା ପାଇଁ ମନୋନିତ ହୋଇଥିଲେ। ପାଠାଗାର ଆବାହକ ଶିଶୁ ସାହିତ୍ୟିକ ଡକ୍ଟର ରବିନାରାୟଣ ସାହୁ ପ୍ରାରମ୍ଭିକ ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ ଏବଂ ଶିକ୍ଷକ ଜଗନ୍ନାଥ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ଚାଷୀ

**ପଦ୍ମପୁର,୨୧।୧(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁରର ଭାରପ୍ରାପ୍ତ ଉପଜିଲାପାଳ ସଦାକର କୁମ୍ଭାରଙ୍କୁ ଚାଷୀମାନେ ଶନିବାର ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମଣ୍ଡିରୁ ଧାନ ନ ଉଠିଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଜାମସେଠ ମଣ୍ଡିରେ ୧୩୬ଜଣ ଚାଷୀ ୧୮ହଜାର ଅଧିକ ବସ୍ତା ଧାନ ଜମା କରିଛନ୍ତି। ଟାର୍ଗେଟ ନ ଥିବାରୁ ଆସନ୍ତା ୨୫ ତାରିଖ ମଧ୍ୟରେ ଟୋକନ ଲାପ୍ସ ହେବାର ସମ୍ଭାବନା ରହିଛି। ଖୋଲା ଆକାଶ ତଳେ ଧାନ ବସ୍ତାଗୁଡିକ ଖରା କାକର ଖାଉଛି। ତେଣୁ ଚାଷୀଙ୍କ ଧାନକୁ ବିକ୍ରି କରିବା ବ୍ୟବସ୍ଥା କରିବା ପାଇଁ କୃଷକ ସଙ୍ଗଠନର କଳାକାହ୍ନୁ ପ୍ରଧାନ, ଦିଲୀପ ରଣା, ନୀଳାଞ୍ଚଳ ମାଝି, ଆଇନ ପରାମର୍ଶଦାତା ଅଜିତ ଶତପଥି, ରୋହିତ ପ୍ରଧାନ, ଭୂପେନ୍ଦ୍ର ସାହୁ, ପଙ୍କଜ ବାଗ, ବେଣୁ ରଣା ଓ ଅନ୍ୟ ଚାଷୀମାନେ ଦାବି କରିଛନ୍ତି।


ଚାଷୀମାନେ ସହକାରୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବରଗଡ଼ ପହଞ୍ଚିଲା ଭାରତ ଯୋଡ଼ୋ ଯାତ୍ରା

**ବରଗଡ଼ ଅଫିସ/ସରଣ୍ଡା, ୨୧।୧(ଡି.ଏନ.ଏ.)**


କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ବରଗଡ଼ ଯାଉଛି।

ପ୍ରଦେଶ କଂଗ୍ରେସ କମିଟିର ଭାରତ ଯୋଡ଼ୋ ପଦଯାତ୍ରା ଶନିବାର ବରଗଡ଼ରେ ପହଞ୍ଚିଛି। ଏହି ପଦଯାତ୍ରା ସକାଳ ୧୦ଟାରେ ଅତାବିରା ସ୍ଥିତ ଅସ୍ଥାୟୀ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା କୋଶଲ ଆନ୍ଧ୍ର କଲ୍ୟାଣ ମଣ୍ଡପ ନିକଟରେ ପହଞ୍ଚିବା ପରେ ସେଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ପଦଯାତ୍ରା ବାହାରି ରେଙ୍ଗାଲି କ୍ୟାମ୍ପ ଛକରେ ପହଞ୍ଚିବା ପରେ ନେତା ଓ କର୍ମୀମାନେ ମଧ୍ୟାହ୍ନ ଭୋଜନ କରି ବରଗଡ ଅଭିମୁଖେ ବାହାରିଥିଲେ। ଏହି ଯାତ୍ରା ବରଗଡ଼ ଯିବା ବାଟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଯାତ୍ରାରେ ସାମିଲ କଂଗ୍ରେସ ନେତୃବୃନ୍ଦ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଯାତ୍ରା ବରଗଡ଼ ଅମ୍ବାପାଲି ଦେଇ ବରପାଲି ବ୍ଲକ କଦଳୀପାଲି ପଡିଆରେ ପହଞ୍ଚିଥିଲା।

ପଦଯାତ୍ରା ସମୟରେ ପିସିସି ସଭାପତି ପଟ୍ଟନାୟକଙ୍କ ସମେତ ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, କଟକ ଜିଲା ସଭାପତି ମାନସ ଚୌଧୁରୀ, ପିସିସି ଅନୁସୂଚିତ ଜାତି ମୁଖ୍ୟ ବାଙ୍କନିଧି ବେହେରା, ପ୍ରଦୀପ ଦେବତା, ଯୁଗଳ ସିଂ, ସରୋଜ ଷଡ଼ଙ୍ଗୀ, ରବି ପଣ୍ଡା, ସୁଶିଲ ଭୋଇ, କେ. ପି. ଶ୍ରୀନିବାସ, ଉନ୍ନି ନାୟାର, ଭୂପେନ୍ଦ୍ର ପଟେଲ, ଜ୍ଞାନ ପଟ୍ଟନାୟକ, ଓଡ଼ିଶା ସେବାଦଳ ମୁଖ୍ୟ ଚେନ ସିଂ ସମେଲ, ନରୋତ୍ତମ ନାୟକ, ସଞ୍ଜୟ ତ୍ରିପାଠୀ, ମୁଜାଫର ହୁସେନ, ଦୀପକ ରାୟ, ଜିତୁ ଭୋଇ, ଅବିନାଶ ପଧାନ, ଅଭିଷେକ ନାୟକ, ବିକାଶ ବହିଦାର, କୈଳାଶ ସାହୁ, ସୁବାଷ ପ୍ରଧାନ, ପ୍ରଦୀପ ମହାପାତ୍ର, ଭୋକଲ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଗତ ୧୯ ତାରିଖ ଅପରାହ୍ନରେ ଅତାବିରାଠାରେ ଅସ୍ଥାୟୀ କ୍ୟାମ୍ପରେ ଭାରତ ଯୋଡ଼ୋ ପଦଯାତ୍ରା ଦଳ ପହଞ୍ଚି ଅବସ୍ଥାନ କରିଥିଲେ। ଏହି ସମୟରେ ପିସିସି ସଭାପତି ପଟ୍ଟନାୟକ ଚାଷୀମାନଙ୍କ ସମସ୍ୟା ଉପରେ କୃଷକ ସଙ୍ଗଠନ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖା ସଭାପତି ବିରେନ୍ଦ୍ର କର, ଟିକେଲାଲ ମିଶ୍ର, ସୁବାସ ବିଶାଳ, ବୁଦ୍ଧଦେବ ନନ୍ଦ, ଅମୂଲ୍ୟ ସ୍ୱାଇଁ, ଦଶରଥ ଭୋଇ, ଭୁବନ ପ୍ରଧାନ, ହରେରାମ ସ୍ୱାଇଁ, ଦିଲୀପ ପ୍ରଧାନ, ବି. ପାପାରାଓ , ସମୀର ପ୍ରଧାନ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଏମ୍‌ୟୁ ବାଣିଜ୍ୟ ବିଭାଗର ଚିତ୍ର ଉତ୍ତୋଳନ ପ୍ରଦର୍ଶନୀ

ସମ୍ବଲପୁର,୨୧।୧(ବ୍ୟୁରୋ)- ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗର ଶୁକ୍ରବାର ଚିତ୍ର ଓ ଚିତ୍ର ଉତ୍ତୋଳନ ପ୍ରଦର୍ଶନୀ ସହ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ପ୍ରୀତିଶ ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଉଦ୍‌ଘାଟନ କରିଥିଲେ। କୁଳସଚିବ ଯୁଗଲେଶ୍ୱରୀ ଦାସ, ଉପକୁଳସଚିବ ଡ. ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ, ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା, ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଧ୍ୟାପକ ଡ.ଜ୍ଞାନରଞ୍ଜନ ବଳ, ସୁବାସ ଚନ୍ଦ୍ର ଝାଙ୍କର, ଅମ୍ବିକା ପ୍ରସାଦ ସିଂ, ଅଧ୍ୟାପିକା ସରୋଜା ମେହେର ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ।

### ଟାଟା ପାୱାର କର୍ମଚାରୀଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ

ସମ୍ବଲପୁର,୨୧।୧(ବ୍ୟୁରୋ)- ଟାଟା ପାୱାର କର୍ମଚାରୀ ମୁଦିପଡା ଦେଉଳବନ୍ଧ ଅଞ୍ଚଳରେ ବିଲ୍ ଆଦାୟ ସମୟରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସମୟରେ ଟାଟା ପାୱାରର କେତେଜଣ କର୍ମଚାରୀ ଆସି ଘରପିଛା ୫୧୮୦ ଟଙ୍କା ଦାବି କରିଥିଲେ। ବିନା କୌଣସି ଆଗୁଆ ସୂଚନାରେ ଆସିଥିବାରୁ ଏତେ ଟଙ୍କା ଦେବାକୁ ପଡାବାସୀ ନିଜର ଅସମର୍ଥତା ଜଣାଇଥିଲେ। ଦେଉଳବନ୍ଧ ଭଳି ବସ୍ତି ଅଞ୍ଚଳରେ ରହୁଥିବା ଲୋକ ଖଟିଖିଆ ଶ୍ରେଣୀର ହୋଇଥିବାରୁ କିଛିଦିନର ମହଲତ ମାଗିଥିଲେ। ହେଲେ କର୍ମଚାରୀମାନେ କିଛି ଶୁଣି ଏହା ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ବୋଲି କହିଥିଲେ। ଲୋକଙ୍କ ବିରୋଧ ଯୋଗୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ପୁଣି ସୋମବାର ଆସିବାର ଧମକ ଦେଇ ସେମାନେ ଫେରିଯାଇଥିଲେ। ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବିଦ୍ୟୁତ୍ ଆଘାତରେ ଆହତ ବାଳକଙ୍କ ମୃତ୍ୟୁ

ବ୍ରଜରାଜନଗର,୨୧।୧(ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ଓରିଏଣ୍ଟ ପେପର ମିଲ କଲୋନୀର ନାବାଳକ ଲଖମଣ ଧୁରୁଆ (୧୩)ଙ୍କ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ଦୀର୍ଘ ୬ମାସ ଧରି ଜୀବନ ସହ ସଂଘର୍ଷ କରି ଶେଷରେ ହାରିଯାଇଛନ୍ତି। ଶୁକ୍ରବାର ରାତିରେ ମୃତଦେହ ବ୍ରଜରାଜନଗରରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ଲଖମଣ ନିଜ ଘର ଛାତ ଉପରେ ଖେଳୁଥିବା ବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଏଥିରେ ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା।

### ବାମରା ମକର ମେଳାରେ ସ୍ମରଣିକା ଉନ୍ମୋଚିତ

କୁଚିଣ୍ଡା,୨୧।୧(ଡି.ଏନ.ଏ.): ବାମରା ମକର ମହୋତ୍ସବ ଶତବାର୍ଷିକୀ ଅବସରରେ ସ୍ମରଣିକା 'ମୈତ୍ରୀ' ଉନ୍ମୋଚିତ ହୋଇଛି। ଶୁକ୍ରବାର ସପ୍ତମ ସନ୍ଧ୍ୟାରେ କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗୁ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମିଶ୍ର ଓ ମହୋତ୍ସବ କମିଟି ସଭାପତି ଦୁର୍ଗା ପ୍ରସାଦ ମିଶ୍ର ଉତ୍ତମ ମଞ୍ଚ ପରିଚାଳକ ଭାବେ ଶିକ୍ଷକ ଅମିତ୍ର ବିଶାଳ ଓ ଶିକ୍ଷୟିତ୍ରୀ କିରଣ ଶର୍ମା, ଉତ୍ତମ ଭଲ୍ୟୁଣ୍ଟିୟର ଭାବେ ପ୍ରଦୀପ ବେହେରା ଓ ବସନ୍ତ ଦାସ ଏବଂ ପ୍ରତିଯୋଗିତା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶିକ୍ଷକମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ କଳାକାରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଉଦ୍‌ଯାପିତ ହେବାକୁ ଥିବା ମେଳା ଆଉ ଦୁଇଦିନ ବଢାଯାଇଛି।

### ଡେଙ୍ଗିମଚାରେ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ସମ୍ବଲପୁର,୨୧।୧(ବ୍ୟୁରୋ)- ସମ୍ବଲପୁର ମହାନଗର ନିଗମ ଡେଙ୍ଗିମଚାରେ ଆଦିବାସୀ କ୍ଲବ ପକ୍ଷରୁ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ଦେବେନ କିଶୋର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମିଠୁ କିଷାନ, ସୁଶାନ୍ତ ଓରାମ, ସୁଶିଳ ଖଡିଆ, ମଞ୍ଜୁ ଓରାମ ମ୍ୟାଚ ପରିଚାଳନା କରିଥିଲେ।

# ତଣ୍ଟି ଚିପିଲେ, ମୁଥ ମାରିଲେ

ସମ୍ବଲପୁର,୨୧।୧(ବ୍ୟୁରୋ)–

ସମ୍ବଲପୁର ଜିଲା ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ ଏବେ ବିବାଦ ଘେରରେ ପଡିଯାଇଛନ୍ତି। ଯୁଯୁମୁରା ବ୍ଲକ କବରାପାଲି ସରପଞ୍ଚ ଅନ୍ତର୍ଯାମୀ ପ୍ରଧାନ ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀଙ୍କୁ ଥାନା ଅଧିକାରିଣୀ ଥାନା ପରିସରରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଦମ୍ପତି ଶନିବାର ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏସ୍‌ପି ଗଙ୍ଗାଧର ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଏଭଳି ଘଟଣା ହେବାକଥା ନୁହେଁ ବୋଲି ଅଭିଯୋଗକାରୀଙ୍କୁ କହିଥିଲେ।

ପ୍ରଭାସିନୀଙ୍କ ଅଭିଯୋଗ କ୍ରମେ ପ୍ରାୟ ୮ଦିନ ହେଲା ତାଙ୍କ ଭାଣିଜୀ ନିଖୋଜ ହୋଇଯାଇଛନ୍ତି। ଏହାକୁ ନେଇ ସେମାନେ ପ୍ରଥମେ ସଦର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗ ନ ରଖି ଧନୁପାଲି ଥାନାକୁ ଯିବାକୁ କହିଥିଲା। ଆମ ପରିବାର ଧନୁପାଲି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଥିଲା। ବାରମ୍ବାର କହିବା ପରେ ଭାଣିଜୀ ଓ ସାଙ୍ଗରେ ଥିବା ଯୁବକଙ୍କୁ ଥାନାକୁ ଆଣିଥିଲା। ଖବର ପାଇ ଶୁକ୍ରବାର


ଏସ୍‌ପି ଅଫିସ ସମ୍ମୁଖରେ ସରପଞ୍ଚ, ପୀଡିତା ମହିଳା ଓ ଅନ୍ୟମାନେ ।

■ ଥାନା ଅଧିକାରୀଙ୍କ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

■ ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ଆମେ ଥାନାରେ ପହଞ୍ଚିଥିଲୁ। ହେଲେ ଆମକୁ ଓ ଝିଅର ମା'ବାପାଙ୍କୁ ଭେଟିବାକୁ ଦିଆଗଲା ନାହିଁ। ଅନୁରୋଧ କରିବା ସତ୍ତ୍ୱେ ଭେଟିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ପରେ ଥାନା ସମ୍ମୁଖରେ ଆମେ ଛିଡା ହୋଇଥିବା ବେଳେ ଥାନା ଅଧିକାରିଣୀ ଆସି ମାରପିଟ କରିଥିଲେ। ଗାଳିଗୁଲଜ କରିବା ସହ ତଣ୍ଟିଚିପି ଠେଲି ଦେଇଥିଲେ। ତଳେ ପଡିଯିବାରୁ ମୋ ମୁଣ୍ଡରେ ଆଘାତ ଲାଗିଛି। ବିରୋଧ କରିବାରୁ ମୋ ସ୍ୱାମୀ ଅନ୍ତର୍ଯାମୀଙ୍କୁ ମଧ୍ୟ ମାଡ ମାରିଥିଲେ। ମୁଥ ମାରିବା ସହ ଗାଳି ଦେଇଥିଲେ। ଜେଲ ଭିତରେ ପୂରାଇଦେବାକୁ ଧମକାଇଥିଲେ। ଭୟଭୀତ କରିବାରୁ ଆମେ ଥାନା ପରିସରରୁ ଫେରି ଆସିଥିଲୁ। ପରେ ଠେମରା ଡାକ୍ତରଖାନା ଯାଇ ଚିକିତ୍ସା କରାଇଥିଲୁ। ପୋଲିସ ନ୍ୟାୟ ଦେବା ବଦଳରେ ମାରପିଟ କରି ଭୟଭୀତ କରୁଛି। ଉକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ। ଘଟଣା ସମ୍ପର୍କରେ ଥାନା ଅଧିକାରିଣୀ ପ୍ରଧାନ କହିଛନ୍ତି, ମାଡ଼ ମାରିବା କିମ୍ବା ଗାଳି କରିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଝିଅ ପ୍ରାପ୍ତ ବୟସ୍କ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏସ୍‌ପିଙ୍କୁ ଭେଟିବା ସମୟରେ ପୀଡିତାଙ୍କ ପରିବାର ସହ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ଆକାଶ ସ୍ୱାଇଁ, ସସ୍ମିତା ଦେହୁରି, ପରିକ୍ଷିତ ନାଏକ, ଅହଲ୍ୟା ସାହୁ, ବର୍ଷି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

ପଡିଆବାହାଲ,୨୧।୧(ଡି.ଏନ.ଏ.): ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଡିଆବାହାଲ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୮ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ତାଲିମ ଗ୍ରହଣ କରିଥିବା ୭୯ ଜଣ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ସତ୍ୟବାଦୀ ପଟେଲ ସଭାପତିତ୍ୱ କରିଥିଲେ। ସଂଯୋଜିକା ଅଧ୍ୟାପିକା ଦ୍ରୌପଦୀ ପଧାନ ସ୍ୱାଗତ ଭାଷଣ, ଅଧ୍ୟାପକ ଅକ୍ଷୟ ମହାପାତ୍ର ଅତିଥି ପରିଚୟ, ଅଧ୍ୟାପକ ଅମିତ ନାଗ ସଭା ପରିଚାଳନା କରିଥିଲେ। ସମ୍ବଲପୁର ସଦର ଆଇଆଇସି ଅନିତା ପାଙ୍ଗନିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନେ ଶିକ୍ଷା ଲାଭ କରିଥିବା କୌଶଳ ଆବଶ୍ୟକ ବେଳେ ଉପଯୋଗ କରିବାକୁ କହିଥିଲେ। ଟ୍ରେନର ଗାୟତ୍ରୀ ମିଶ୍ର ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

## ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର

ସମ୍ବଲପୁର,୨୧।୧(ବ୍ୟୁରୋ): ସରକାରୀ ମହିଳା ମହାବିଦ୍ୟାଳୟରେ ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ନିକଟସ୍ଥ ନକ୍ସାପାଲି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଶିବିର ଉଦ୍‌ଘାଟନ କରିଥିଲେ। ନକ୍ସାପାଲି ଗ୍ରାମରେ ସ୍ୱେଚ୍ଛାସେବୀ ଛାତ୍ରୀମାନେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟସେବା ସଚେତନତା ସହିତ ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା, ଯୋଗ ଶିକ୍ଷା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପୁରସ୍କାର ବିତରଣ, ସ୍ୱେଚ୍ଛାସେବୀଙ୍କ ଅନୁଭୂତି ଆଦି ଅନୁଷ୍ଠିତ ହୋଇଥିଲା। ଡ. ନୌବିହାରୀ ପ୍ରଧାନ, ଡ. ଜିତେନ୍ କୁମାର ମିଶ୍ର, ଡ. ଉମାଶଙ୍କର ଦାସ, ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ।

## ମାନେଶ୍ୱର ଅଣ୍ଡରପାସ୍ ବ୍ରିଜ ପାଇଁ ଶିଳାନ୍ୟାସ

ସମ୍ବଲପୁର,୨୧।୧(ବ୍ୟୁରୋ):

ଏମ୍‌ପି ନିତେଶ ଗଙ୍ଗଦେବ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି। ୫୩ନଂ. ରାଜପଥର ମାନେଶ୍ୱର ଅଣ୍ଡରପାସ୍ ବ୍ରିଜ୍ ପାଇଁ ଶିଳାନ୍ୟାସ ହୋଇଛି। କାର୍ଯ୍ୟକ୍ରମରେ ଏମ୍‌ପି ଗଙ୍ଗଦେବଙ୍କ ସମେତ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଏନ୍ଏଚ୍ଏଆଇ ପିଡି କେ. ଭେଙ୍କଟେଶ୍ୱର ରାଓ, ଠିକା ସଂସ୍ଥାର ଅଧିକାରୀ ଓ ଧନୁପାଲି ମଣ୍ଡଳ ସଭାପତି ପ୍ରକାଶ ସାହୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ମାନେଶ୍ୱର ହେଉଛି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର। ଜାତୀୟ ରାଜପଥ ପ୍ରଶସ୍ତୀକରଣ ଯୋଗୁ ଛକରେ ରାସ୍ତା ହେବାକୁ ସମସ୍ୟା ଉପୁଜିଥାନ୍ତା। ମାନଧାତାବାବା ମନ୍ଦିର, ରାଜଘାଟ,


ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅତିଥିମାନେ।

ସ୍କୁଲ, କଲେଜ ଆଦିକୁ ଯିବାଆସିବାରେ ସମସ୍ୟା ହେବା ନେଇ ସ୍ଥାନୀୟ ଲୋକେ ଏମ୍‌ପି ଗଙ୍ଗଦେବଙ୍କୁ ଜଣାଇଥିଲେ। ଏମ୍‌ପି ଏଠାରେ ଅଣ୍ଡରପାସ୍ ଆବଶ୍ୟକତା ଥିବା ନେଇ ଏନ୍ଏଚ୍ଏଆଇ ବିଭାଗକୁ ଚିଠି ଲେଖିଥିଲେ। ଏହା ସହ ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟିଥିଲେ। ଏନ୍ଏଚ୍ଏଆଇ ଏଠାରେ ଅଣ୍ଡରପାସ୍ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇ ୪ କୋଟି ୫୦ ଲକ୍ଷ ଟଙ୍କା ଅନୁମୋଦନ କରିଛି। ରାସ୍ତା ନିର୍ମାଣକାରୀ ସଂସ୍ଥା ପକ୍ଷରୁ କାମ କରାଯିବ ବୋଲି ଜଣାପଡିଛି।

## ଜିଏମ୍‌ୟୁରେ ବାର୍ଦ୍ଧକ୍ୟ ସମସ୍ୟା ଉପରେ ପାଠ୍ୟକ୍ରମ

ସମ୍ବଲପୁର:୨୧।୧(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ବାର୍ଦ୍ଧକ୍ୟଜନିତ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣକୁ ନେଇ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଓଡିଶା ସେଣ୍ଟର ଅଫ୍ ଜେରିଆଟ୍ରିକ୍ସ ଜେରୋଣ୍ଟୋଲୋଜି ମିଳିତ ଭାବେ ଏଥିରେ ସହଯୋଗ କରିବେ। ୬ ମାସିଆ ସାର୍ଟିଫିକେଟ୍ ପାଠ୍ୟକ୍ରମକୁ ନୂତନ ଭାବରେ ସ୍ୱୀକୃତି ମିଳିଛି। ଆୟୋଜିକ କାର୍ଯ୍ୟକ୍ରମରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ୬୦ବର୍ଷରୁ ଅଧିକ ବୟସରେ ଯେଉଁ ସମସ୍ୟା ଦେଖାଯାଏ ସେ ସମୟରେ କିଭଳି ଯତ୍ନ ନିଆଯିବ ସେ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଏହାକୁ ଉଦ୍‌ଘାଟନ କରି ଛାତ୍ରମାନଙ୍କ ପାଇଁ ଆରମ୍ଭ ହୋଇଥିବା ପ୍ରମାଣପତ୍ର କାର୍ଯ୍ୟକ୍ରମର ପରିସର ଓ ସୁଯୋଗ ବିଷୟରେ ବର୍ଣ୍ଣନା କରିଥିଲେ। ପାଠ୍ୟକ୍ରମର ସଂଯୋଜକ ଡ. ମୋନାଲିସା ମହାପାତ୍ର ଛାତ୍ରମାନଙ୍କୁ ଏକାଡେମିକ୍, କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେୟାରମ୍ୟାନ୍ ପିଜି ପରିଷଦ ପ୍ରଫେସର ଏସ୍.କେ. ଦାସ, ରେଜିଷ୍ଟ୍ରାର୍ ଏସ୍ ଜୁଗାଲେଶ୍ୱରୀ ଦାଶ, ଫାଇନାନ୍ସ ନିୟନ୍ତ୍ରକ ଏସ୍ କନକଲାଟା ଏକ୍କା, ଡେପୁଟି ରେଜିଷ୍ଟ୍ରାର ଡ. ୟୁ.ସି. ପତି ଉପସ୍ଥିତ ଥିଲେ। ଡ. ରୂପାଶ୍ରୀ ବ୍ରହ୍ମା କୁମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସାହାସପୁର ସ୍କୁଲରେ ବାର୍ଷିକ ଉତ୍ସବ

ସମ୍ବଲପୁର,୨୧।୧(ବ୍ୟୁରୋ): ମାନେଶ୍ୱର ବ୍ଲକ ସାହାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏବିଇଓ ସୀତାରାମ ଭୋଇ ମୁଖ୍ୟଅତିଥି ଓ ସାହାସପୁର ସରପଞ୍ଚ ଦିବାକର ବିଶ୍ୱାଳ, ସମିତି ସଭ୍ୟା ଲିନା ମହାପାତ୍ର, ମାନେଶ୍ୱର ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ବୀଣାପାଣି ବେହେରା, ବିଜୁ ଜନତା ଦଳ ଏସ୍‌ଟିଏସ୍‌ସି ସେଲ ଉପସଭାପତି ଚିତ୍ତରଞ୍ଜନ ବାଗ, ନାଏବ ସରପଞ୍ଚ ମିନାକ୍ଷୀ ପଣ୍ଡା, ପୂର୍ବତନ ଶିକ୍ଷକ କେଶବ ସେଠ୍, ଉମାକାନ୍ତ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ କ୍ଷୀରୋଦ୍ର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦିନୀ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଶହୀଦ ରଞ୍ଜନ ସାହୁ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ


ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି ଅତିଥି।

ନାକଟିଦେଉଳ,୨୧।୧(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମର ସିଆର୍‌ପିଏଫ୍ ଶହୀଦ ଯବାନ ସ୍ୱର୍ଗତ ରଞ୍ଜନ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବାଟଗାଁ ଖେଳ ପଡ଼ିଆରେ ଟୁର୍ନାମେଣ୍ଟକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ଓ ଶହୀଦ ରଞ୍ଜନ ସାହୁଙ୍କ ବିଧବା ସ୍ତ୍ରୀ ଦିପ୍ତୀବାଳା ସାହୁ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଅନୁଗୋଳ ଜିଲା ରେଙ୍ଗାଲିର ଆର୍‌ସିସି ଓ ଦେବଗଡ଼ ଜିଲାର ଗମ୍ଭାରୀପାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ରନ ସଂଗ୍ରହ କରିଥିଲା। ଜବାବରେ ଗମ୍ଭାରୀପାଲ ଦଳ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ରନ କରି ମ୍ୟାଚ ହାରିଯାଇଥିଲା। ପ୍ରଦୀପ କୁମାର ସାହୁ ଓ ସନ୍ତୋଷ କୁମାର ଧଳ ମ୍ୟାଚ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁର ଏସ୍.କେ. ଫାଇଟର ଓ ବାଟଗାଁ ମଧ୍ୟରେ ଆୟୋଜିତ ହୋଇଥିବା ବେଳେ ବାଟଗାଁ ଦଳ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଗୁରୁଚରଣ ବିଶ୍ୱାଳ, ବିଭୂତି ଭୂଷଣ ଧଳ, ଶ୍ରୀପତି ରାଉତ, ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଉପଭୋକ୍ତା, ଉଦ୍ୟୋକ୍ତାଙ୍କ ପାଇଁ ରହିଛି ଆଇନ



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

**ରେରା ଆଇନ ସମ୍ପର୍କିତ କର୍ମଶାଳା**

ସମ୍ବଲପୁର,୨୧।୧(ବ୍ୟୁରୋ)

ସମ୍ବଲପୁର ଜିଲାପରିଷଦ ସମ୍ମିଳନୀ କକ୍ଷରେ ରେରା ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର କାର୍ଯ୍ୟାଳୟ ଓ ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ଓରେରା) ପକ୍ଷରୁ ଏହା ଆୟୋଜିତ ହେଇଥିଲା। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଲେଇ, ରେରା ପ୍ରଶାସନିକ ସଭ୍ୟ ପ୍ରଦିପ କୁମାର ବିଶ୍ୱାଳ, ବିଚାର ବିଭାଗୀୟ ସଭ୍ୟ ରାମନାଥ ପଣ୍ଡା, ଯୁଗ୍ମ ସମ୍ପାଦକ ଦିପକ କୁମାର ବେସରା, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଓ ଅଜାମ୍ବର ମହାନ୍ତି, ଏସ୍ଏମ୍ସି କମିଶନର ପ୍ରଦୀପ କୁମାର ସାହୁ, ଏସ୍‌ଡିଏ ସଚିବ ପ୍ରଭାସ ଡନସେନା, ଆର୍‌ଡିସି ସଚିବ ଅନିରୁଦ୍ଧ ପ୍ରଧାନ, ଉପସଚିବ ଡ. ସୋମ୍ୟା ସ୍ୱରୁପା ରଥ ଯୋଗ ଦେଇଥିଲେ। ଅଧିକାରୀମାନେ ୨୦୧୭ରେ ପ୍ରଣିତ ରେରା ଆଇନ ବିଷୟରେ ସୂଚନା ଦେବା ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ଉପସ୍ଥିତ ବିଲ୍ଡର ଓ ଉପଭୋକ୍ତାମାନଙ୍କ ବିଭିନ୍ନ ପ୍ରଶ୍ନ ଉତ୍ତର ଦେଇଥିଲେ। ଆଇନ ଅନୁସାରେ ରେରା ନିକଟରେ କୌଣସି ଉଦ୍ୟୋକ୍ତା ସ୍ଥାବର ସମ୍ପତ୍ତିର ପ୍ରାକ୍ ପଞ୍ଜୀକରଣ ନ କରି ଜାଗା, ଆପାର୍ଟମେଣ୍ଟ ଓ ଗୃହ ସମ୍ବନ୍ଧୀୟ ବିଜ୍ଞାପନ କିମ୍ବା ବିକ୍ରୟ କରିପାରିବେ ନାହିଁ। ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପ୍ରକଳ୍ପ ପାଇଁ କ୍ଷମତା ସମ୍ପନ୍ନ ପ୍ଲାନ ଅନୁମୋଦନକାରୀ ସଂସ୍ଥାର ଅନୁମତି ପାଇବା ପରେ ରେରା ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଥିଲା।

## ବଜରଙ୍ଗ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର


ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।

କୁଚିଣ୍ଡା,୨୧।୧(ଡି.ଏନ.ଏ.):

କୁଚିଣ୍ଡା ବଜରଙ୍ଗ ଦଳ ପକ୍ଷରୁ ଶନିବାର ବିଭିନ୍ନ ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିହାଦୀ ମାନଙ୍କ ଦ୍ୱାରା ବଜରଙ୍ଗ ଦଳ ସଦସ୍ୟ ତଥା ହିନ୍ଦୁ ନେତାମାନଙ୍କୁ ହତ୍ୟା କରାଯାଉଥିବା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭଳି ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଲୋଚନ ଶବର ଦାବିପତ୍ର ଗ୍ରହଣ କରିଥିଲେ। ବଜରଙ୍ଗ ଦଳ ଜିଲା ସଂଯୋଜକ ଗୋଲକ ପ୍ରଧାନ, ମଣ୍ଟୁ ବେହେରା, ମହେଶ ରାୟ, ଶ୍ରୀକାନ୍ତ ଦିବେଦୀ, ପିଙ୍କୁ ପାଣି, ବିବେକ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁର ସ୍ପୋର୍ଟ୍ସ ଏକାଡେମୀ ଫାଇନାଲରେ

ସମ୍ବଲପୁର,୨୧।୧(ବ୍ୟୁରୋ):

ସମ୍ବଲପୁର ହାୱା ମଇଦାନରେ ଆୟୋଜିତ ପ୍ରଥମ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ ରାୟଗଡ ଓ କୁଚିଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ କୁଚିଣ୍ଡା (ବିଏଫ୍‌ସି) ଦଳ ୫-୦ରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ସମ୍ବଲପୁର ସ୍ପୋର୍ଟ୍ସ ଏକାଡେମୀ ଓ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ଏକତରଫା ଭାବେ ୪-୦ରେ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ ସମ୍ବଲପୁର ସ୍ପୋର୍ଟ୍ସ ଏକାଡେମୀ ଓ କୁଚିଣ୍ଡା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ଭିତରେ ଉଭୟ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ। ତେଣୁ ଟ୍ରାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ୬-୫ରେ ସମ୍ବଲପୁର ସ୍ପୋର୍ଟ୍ସ ଏକାଡେମୀ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।


ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ମୁଖ୍ୟଅତିଥି ।ଜ

**ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ନାମେଣ୍ଟ**

■ ରାୟଗଡକୁ ୫-୦ରେ ହରାଇଲା କୁଚିଣ୍ଡା ଦଳ

ସମାରୋହରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡା ସଂଘ ସାଧରଣ ସମ୍ପାଦକ ସୁନିଲ ସାହୁ, ଉପସଭାପତି ଦୁଲାଲଚନ୍ଦ୍ର ପ୍ରଧାନ ଓ ସାବିର ଅହମଦ, ବିଶ୍ୱଜିତ ପଣ୍ଡା, ଆର୍‌ଏସ୍‌ଏସ୍ ପଶ୍ଚିମପ୍ରାନ୍ତ ସଂଘ ପରିଚାଳକ ବିପିନ ନନ୍ଦ ଓ ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ବିଭୁତି ମିର୍ଦ୍ଧା ସୂଚନା ପ୍ରଦାନ କରିଥିଲେ। ରେଫରି ଶିବଶଙ୍କର ପଣ୍ଡା, ପ୍ରଶାନ୍ତ ପାଳ, ସୁରେଶ ଦାସ, ଡିଲି ରାଉତ, ଲିଙ୍ଗରାଜ ପ୍ରଧାନ, ଅରୁଣ ଭୋଇ, ସୁଦିପ ପରିଡା ଓ ଆକାଶ ପଟେଲ ମ୍ୟାଚ ପରିଚାଳନା କରିଥଲେ।

